


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୭ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 07 MARCH 2023
Vol.No. 34 ■ No. 63 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୨୦ ଯାଏଁ ତିହାର ଜେଲରେ ରହିବେ ମନୀଷ ସିସୋଦିଆ




ନୂଆଦିଲ୍ଲୀ, ୦୬/୦୩ : ମଦ ନୀତି ଦୁର୍ନୀତି ମାମଲାରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ପୁଣି ଝଟକା । ମାର୍ଚ୍ଚ ୨୦ ତାରିଖ ଯାଏ ବିଚାର ବିଭାଗୀୟ ହେପାଜତକୁ ଗଲେ ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା । ସୋମବାର ସିସୋସଦିଆଙ୍କୁ ରାଉଜ ଆଭେନ୍ୟୁ କୋର୍ଟରେ ହାଜର କରିଥିଲା ସିବିଆଇ । ହାଜର ପରେ ତାଙ୍କୁ ମାର୍ଚ୍ଚ ୨୦ ଯାଏଁ ହାଜତକୁ ପଠାଇଛନ୍ତି କୋର୍ଟ । ମାର୍ଚ୍ଚ ୪ ତାରିଖରେ ସ୍ୱତନ୍ତ୍ର ଜଜ୍ ଏମକେ ନାଗପାଲଙ୍କ କୋର୍ଟ ମନୀଷ ସିସୋଦିଆଙ୍କ ରିମାଣ୍ଡ ଦୁଇ ଦିନ ବଢ଼ାଇ ମାର୍ଚ୍ଚ ୬ ଯାଏଁ ସିବିଆଇ ହେପାଜତକୁ ପଠାଇଥିଲେ । ସେପଟେ ସିସୋଦିଆଙ୍କ ଗିରଫଦାରୀକୁ ନେଇ କେନ୍ଦ୍ରୀୟ ସଂସ୍ଥା ଉପରେ ସଙ୍ଗୀନ ଅଭିଯୋଗ ଆଣିଛି ଆପ୍ । କ୍ୟାବିନେଟ ମନ୍ତ୍ରୀ ସୌରଭ ଭରଦ୍ୱାଜ କହିଛନ୍ତି, ମିଥ୍ୟା ଡକ୍ୟୁମେଣ୍ଟ କାଗଜ ଉପରେ ସିସୋଦିଆଙ୍କୁ ହସ୍ତାକ୍ଷର କରିବାକୁ ଚାପ ପକାଯାଉଛି । ସେହିପରି ଆତିଶି ଅଭିଯୋଗ ଆଣିଛନ୍ତି ଯେ, ସିବିଆଇ ତା'ର ରାଜନୈତିକ ମାଲିକଙ୍କୁ ଖୁସି କରିବା ପାଇଁ ସିସୋଦିଆଙ୍କୁ ଗିରଫ କରିଛି । ବିଜେପି ସାଂସଦ ମନୋଜ ତିୱାରୀ କହିଛନ୍ତି ଯେ ଯିଏ ଦୁର୍ନୀତି କରିବ, ସେ ନିଶ୍ଚୟ ଜେଲ ଯିବ । କଂଗ୍ରେସ ମଧ୍ୟ ସମାନ ପ୍ରତିକ୍ରିୟା ରଖିଛି । ସେପଟେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ସିସୋଦିଆ ଓ ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ବିରୋଧ ପ୍ରଦର୍ଶନ କରିଛି ବିଜେପି । କଂଗ୍ରେସ ମଧ୍ୟ ଦିଲ୍ଲୀ କାର୍ଯ୍ୟାଳୟରେ ମନୀଷ ସିସୋଦିଆ ଓ ସତ୍ୟେନ୍ଦ୍ର ଜୈନଙ୍କ ପୋଷ୍ଟ ଲଗାଇଛି, ଯେଉଁଥିରେ ଦୁଇ ନେତାଙ୍କୁ ଦୁର୍ନୀତିଖୋର ଓ ଦେଶଦ୍ରୋହୀ ଦର୍ଶାଯାଇଛି । ସେପଟେ ଗତ ୮ ଦିନ ଧରି ସିବିଆଇ ହେପାଜତରେ ଥିବା ସିସୋଦିଆଙ୍କ ପାଇଁ ଆଗକୁ ସମସ୍ୟା ଆହୁରି ବଢ଼ିବାରେ ବୋଲି ଜଣାପଡ଼ିଛି ।

## ଛତିଶଗଡ଼ରେ ବେକାରୀ ଯୁବକଙ୍କୁ ମିଳିବ ମାସିକ ଭତ୍ତା



ନୂଆଦିଲ୍ଲୀ, ୦୬/୦୩ : ବେରୋଜଗାରୀ ଯୁବବର୍ଗଙ୍କ ପାଇଁ ଛତିଶଗଡ଼ ସରକାରଙ୍କ ଉପହାର । ବେକାରୀ ଯୁବକଙ୍କୁ ମାସିକ ଭତା ଦେବାକୁ ଘୋଷଣା କରିଛନ୍ତି ଛତିଶଗଡ଼ ସରକାର । ସୋମବାର ବିଧାନସଭାରେ ବଜେଟ୍ ଉପସ୍ଥାପନ ବେଳେ ଏହି ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ । ବଜେଟରେ ବେରୋଜଗାରୀ ଯୁବକଙ୍କ ପାଇଁ ମାସିକ ୨୫ଶହ ଟଙ୍କା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ୨୦୨୩-୨୪ ପାଇଁ ରାଜ୍ୟ ସରକାର ୧ଲକ୍ଷ ୨୧ହଜାର ୫୦୦ କୋଟି ଟଙ୍କା ଆଗତ କରିଛନ୍ତି । ଯାହା ଇତିହାସର ସବୁଠାରୁ ବଡ଼ ବଜେଟ୍ ବୋଲି କୁହାଯାଉଛି । ବଜେଟରେ ବିଭିନ୍ନ ବର୍ଗକୁ ଗୁରୁତ୍ୱ ଦିଆଯାଇଛି । ବିଶେଷକରି ବଘେଲ ସରକାର ଅଙ୍ଗନୱାଡି କର୍ମୀ, ହୋମଗାର୍ଡଙ୍କ ଏବଂ ମହିଳାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଅଙ୍ଗନୱାଡି କର୍ମୀଙ୍କ ଭତା ୬ହଜାର ୫୦୦ରୁ ୧୦ହଜାର ଟଙ୍କା ବୃଦ୍ଧି କରାଯାଇଛି । ସେହିପରି ଅଙ୍ଗନୱାଡି ସହକର୍ମୀଙ୍କ ଭତା ୩ହଜାର ୫୫୦ରୁ ୫ହଜାର ଟଙ୍କା କରାଯାଇଛି । ସ୍କୁଲରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ଦେୟ ୨୫ଶହରୁ ୨୮ଶହ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । କୃଷି ବିଭାଗ ପାଇଁ ୧୦ହଜାର ୭୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଚଳିତ ବର୍ଷ ଛତିଶଗଡ଼ରେ ବିଧାନସଭା ନିର୍ବାଚନ ଥିବାରୁ ବଘେଲ ସରକାରଙ୍କ ଏହା ନିର୍ବାଚନୀ ବଜେଟ୍ ବୋଲି ବିରୋଧୀ କହିଛନ୍ତି ।

## ୨୬ରେ ଭଦ୍ରକ ଆସିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ



ଭୁବନେଶ୍ୱର, ୦୬/୦୩ (ନି.ପ୍ର): ଆସନ୍ତା ୨୬ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଭଦ୍ରକ ଆସିବେ ବୋଲି ବିଜେପି ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସେ ସୂଚନା ଦେଇଛନ୍ତି ଯେ ଲୋକସଭା ପ୍ରବାସ କାର୍ଯ୍ୟକ୍ରମ ଅନୁଯାୟୀ ସେ ଭଦ୍ରକଆସିବେ । ଗୃହମନ୍ତ୍ରୀ ଅମିତ ଶାହ ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀରେ ଦଳୀୟ ସମାବେଶରେ ଯୋଗ ଦେବେ । ଏହି ଅବସରରେ ସେ ବିଜେପିର ତୃଣମୂଳ ସ୍ତରର ନେତା ଓ କର୍ମୀଙ୍କ ସହ ଆଲୋଚନା ବି କରିବେ ।ସେ କହିଛନ୍ତି ଯେ କେନ୍ଦ୍ର ଗୃହମନ୍ତ୍ରୀ ଭଦ୍ରକର କେତେକ ଐତିହାସିକ ସ୍ଥଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ସେ କହିଛନ୍ତି ଯେ ଅମିତ ଶାହଙ୍କର ଢେଙ୍କାନାଳ ଓ ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରବାସ କାର୍ଯ୍ୟକ୍ରମ ରହିଛି । ତେବେ ଏଥର ସେ ପ୍ରଥମେ ଭଦ୍ରକ ଆସିବେ । ତାଙ୍କର ଗସ୍ତ ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ଚୂଡାନ୍ତ ହୋଇଯିବ ।

## ରାବଡ଼ି ଦେବୀଙ୍କ ଘରେ ସିବିଆଇ



ନୂଆଦିଲ୍ଲୀ, ୦୬/୦୩ : ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ ରାବିଡି ଦେବୀଙ୍କ ଘରେ ସିବିଆଇ । ସିବିଆଇର ଏକ ୧୨ ଜଣିଆ ଟିମ୍ ସୋମବାର ସକାଳୁ ପାଟନା ସ୍ଥିତ ବାସଭବନରେ ପହଞ୍ଚିଥିଲା । ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କ ପତ୍ନୀ ଅଟନ୍ତି ରାବିଡି ଦେବୀ । ଲାଲୁ ଯାଦବ ରେଳମନ୍ତ୍ରୀ ଥିବା ସମୟରେ 'ଜମି ବଦଳରେ ଚାକିରି' ଦୁର୍ନୀତି ସଂକ୍ରାନ୍ତରେ ଆଜି ରାବିଡି ଦେବୀଙ୍କୁ ପଚରାଉଚରା କରିଛି ସିବିଆଇର ଟିମ୍ । ଏହି ମାମଲାରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ନାଁ ସହ ୧୪ ଜଣଙ୍କ ନାଁ ରହିଛି । ତାଙ୍କ ବାସଭବନ ବାହାରେ ଆଜି କଡା ସୁରକ୍ଷା ମଧ୍ୟ ଦେଖିବାକୁ ମିଳିଥିଲା । ପ୍ରାୟ ୪ ଘଣ୍ଟା ପରେ ସିବିଆଇର ଟିମ ବାସଭବନ ବାହାରକୁ ବାହାରିଥିଲା । ଅନ୍ୟପଟେ ବାସଭବନ ବାହାରେ କିନ୍ତୁ ସିବିଆଇର ପ୍ରବେଶକୁ ସହଜରେ ଗ୍ରହଣ ▶▶ପୃଷ୍ଠା ୭

## ମାଟ୍ରିକ୍ ପରୀକ୍ଷାରେ କପିକୁ ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି



ଭୁବନେଶ୍ୱର, ୦୬/୦୩ (ନି.ପ୍ର): ଆଗାମୀ ୧୦ ତାରିଖରୁ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷାରେ କପିକୁ ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ସମୀର ରଂଜନ ଦାଶ । ଶ୍ରୀ ଦାଶ ଏଠାରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ କହିଛନ୍ତି ଯେ ମାଟ୍ରିକ ପରୀକ୍ଷାରେ କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ପରୀକ୍ଷା ସେଂଟର ଗୁଡ଼ିକୁ ସ୍କ୍ୱାଡ୍ ଅଚାନକ ଗସ୍ତ କରିବେ । ଯାହାର ଗାତିବିଧି ସମ୍ପର୍କରେ କେହି ପୂର୍ବ ସୂଚନା ପାଇବେନି । ସେହିପରି ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା ନିମନ୍ତେ ଅଧିକାଂଶ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ଲଗାଯିବ । ସେ କହିଛନ୍ତି, ଆସନ୍ତା ମାର୍ଚ୍ଚ ୧୦ରୁ ▶▶ପୃଷ୍ଠା ୭


DADLS-94



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0265/2223

DADLS-94

ଓଡ଼ିଶା ସରକାର

ମୁଖ୍ୟମନ୍ତ୍ରୀଙ୍କ ହୋଲି ଶୁଭେଚ୍ଛା



ରଙ୍ଗ ଓ ଆନନ୍ଦର ପର୍ବ ହୋଲି ଅବସରରେ ଓଡ଼ିଶାବାସୀ ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ । ସାମାଜିକ ସଦ୍‌ଭାବ ଆହୁରି ସୁଦୃଢ଼ ହେଉ, ମହାପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0265/2223

DADLS-94

ଓଡ଼ିଶା ସରକାର



ହୋଲି ପର୍ବ ଅବସରରେ ବାର୍ତ୍ତା

ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0265/2223

# ଆସନ୍ତା ମାର୍ଚ୍ଚ ୧୩ ତାରିଖ କଂଗ୍ରେସ ରାଜଭବନ ଘେରାଉ କରିବ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ଭାରତବର୍ଷର କୋଟି କୋଟି ଜନସାଧାରଣଙ୍କ ଏଲଆଇସିରେ ସଂଚିତ ଅର୍ଥ ଏବଂ ବ୍ୟାଙ୍କ ମାନଙ୍କରେ ଜମାରାଶିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚାପ ଯୋଗୁଁ ଅତି ଚଂଚକତା କରି ଆଦାନୀ ଗ୍ରୁପ ଅଫ କମ୍ପାନୀ ମାନଙ୍କରେ ହଜାର ହଜାର କୋଟି ପୁଞ୍ଜି ବିନିଯୋଗ କରାଯାଇଛି। ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବାପରେ ଆଜି ଭାରତୀୟ ଷ୍ଟକ ବଜାରରେ ଆଦାନୀ ଗ୍ରୁପ ଅଫ କମ୍ପାନୀଜ୍‌ର ସମସ୍ତ ସେୟାର ଗୁଡ଼ିକ ବହୁ କମ୍ ମୂଲ୍ୟରେ ଖରିଦାରୀ ହେଉଛି। ଏପରିକି ଏହି ସମସ୍ତ କମ୍ପାନୀର ସେୟାର ଗୁଡ଼ିକର ମୂଲ୍ୟ ଏତେ ହ୍ରାସ ପାଇଛି ଯଦ୍ୱାରା କି ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ମାନଙ୍କ ସହିତ ଏଲଆଇସି ର ହଜାର ହଜାର କୋଟି ଟଙ୍କା କ୍ଷତି ସହିଲେଣି। ଆଶଂକା କରାଯାଉଛି ଏହି କ୍ଷତି ଆସନ୍ତା ଦିନମାନଙ୍କରେ ଆହୁରି ବହୁତ ଅଧିକ ହୋଇଯିବ। ଏହାଦ୍ୱାରା ଭାରତ ବର୍ଷର କୋଟି କୋଟି ଜନାତଙ୍କର ବହୁ ଆର୍ଥିକ କ୍ଷତି ଘଟିବ ଏସବୁ ଜାଣିସୁଣି ମଧ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜୁ ଜନତା ଦଳ ଏ ବାବଦରେ ପାଟି ଖୋଲୁ ନାହାନ୍ତି। ୨୦୧୪ ମସିହା ବେଳକୁ ଆଦାନୀ ବିଶ୍ୱ ଧନୀ ତାଲିକାରେ ୬୦୯ ନମ୍ବର ଥିଲା ବେଳେ ୨୦୨୨ ମସିହା ଜାନୁଆରୀ ମାସ ୨୪ ତାରିଖ ସୁଦ୍ଧା ଆଦାନୀ ବିଶ୍ୱର ବର୍ଷର ଦ୍ୱିତୀୟ ବୃହତମ ଧନୀ ତାଲିକାରେ ସ୍ଥାନ ପାଇଥିଲେ। କିନ୍ତୁ ତାଙ୍କର ବେନାମୀ କାରବାର ଏବଂ ତାଙ୍କ କମ୍ପାନୀ ଗୁଡ଼ିକର ଆର୍ଥିକ ସ୍ଥିତିର ସଂପୂର୍ଣ୍ଣ ରିପୋର୍ଟ ପ୍ରକାଶ ପାଇବାପରେ ତାଙ୍କର ସ୍ଥାନ ଆଜି ୪୦ତମ ସ୍ଥାନରେ ପଂହଚିଛି ଏପରିକି ସେ ଯେଉଁ ସ୍ୱଳ୍ପମିଆଦି ଋଣ ଏବଂ ଦୀର୍ଘ ମିଆଦି ଋଣର ପରିଶୋଧ କରିବାପାଇଁ ତାଙ୍କ ପାଖରେ ଆବଶକୀୟ ଅର୍ଥ ନାହିଁ ବୋଲି ଜଣାପଡ଼ିଲାଣି। ଆଜି ପ୍ରଦେଶ କଂଗ୍ରେସ ଭବନରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ପୌରହିତରେ ଆସନ୍ତା ମାର୍ଚ୍ଚମାସ ୧୩ ତାରିଖ ଦିନ ରାଜ୍ୟ କଂଗ୍ରେସ ଆଦାନୀ-ମୋଦି ସଂପର୍କ ଯୋଗୁଁ ଭାରତ ବର୍ଷର ଅର୍ଥନୀତି ଏବଂ ଭାରତୀୟ ବ୍ୟାଙ୍କ ଓ ଏଲଆଇସିର ପ୍ରଚୁର କ୍ଷତି ଯୋଗୁଁ ଭାରତ ବର୍ଷର କୋଟି କୋଟି ଜନସାଧାରଣଙ୍କ ଅର୍ଥ କିଭଳି ମୋଦି ସରକାର ନିଜର ବନ୍ଧୁ ଆଦାନୀଙ୍କୁ ଟେକି ଦେଇଛନ୍ତି ତାହାକୁ ବିରୋଧ କରି ରାଜଭବନ ଘେରାଉ କରାଯିବା ନିଷ୍ପତିକୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏହା ସହିତ ଗ୍ୟାସର ଅହେତୁକ ଦର ବୃଦ୍ଧି, ଖାଦ୍ୟ ସାମଗ୍ରୀର ଦରବୃଦ୍ଧି, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଏବଂ ମହିଳାମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର, ଦୁଷ୍କର୍ମ ଇତ୍ୟାଦି ସମସ୍ୟାକୁ ନେଇ କଂଗ୍ରେସ ଦଳ ରାଜ ଭବନ ଘେରାଉ କରିବ ବୋଲି ନିଷ୍ପତି ନିଆଗଲା। ଏହି ପ୍ରସ୍ତୁତି ବୈଠକରେ ଶିବାନନ୍ଦ ରାୟ, ରବି ମଲ୍ଲିକ, ବିଭୁତି ମିଶ୍ର, ଶୁଭେନ୍ଦୁ ମହାନ୍ତି, ମନୋରଞ୍ଜନ ଦାଶ, କିଶୋର ଜେନା, ସୁରେଶ କୁମାର ମହାପାତ୍ର, ବିଶ୍ୱଜିତ ଦାଶ, ଜୟନ୍ତ ମହାନ୍ତି, ଜାନକୀ ବଲ୍ଲଭ ପଟ୍ଟନାୟକ, ମାନସ ଆଚାର୍ଯ୍ୟ, ମନୋଜ ସାହୁ, ଶ୍ରୀନିବାସ ରାଉତରାୟ, ଜୟନ୍ତ ଭୋଇ, ବେଣୁ ଭୋଇ, ରଜନୀ ମହାନ୍ତି, ୟାସିର ନୱାଜ, ଚିନ୍ମୟ ସୁନ୍ଦର ଦାସ, ମିହିର ଆଚାର୍ଯ୍ୟ, ପ୍ରକାଶ ମିଶ୍ର, ମିତ୍ରଭାନୁ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ଲଲାଟେନ୍ଦୁ ଦାଶ, ଜୟକୃଷ୍ଣ ପଟ୍ଟନାୟକ, ସନ୍ତୋଷ ନନ୍ଦ, କିଷାନ ପଣ୍ଡା, ପ୍ରଦୀପ୍ତ କୁମାର ଦାସ, ସୁବ୍ରତ ଦାସ, ସୁଦୀପ୍ତ କର, ପ୍ରଦୀପ ସ୍ୱାଇଁ, ପ୍ରଣତୀ ମିଶ୍ର, କନକ ମଲ୍ଲିକ, ବଟକୃଷ୍ଣ ରାଉତରାୟ, ରଞ୍ଜିତ ପାତ୍ର, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଭିନ୍ନ ଦେଶରେ ହୋଲି ପର୍ବ

**ଗୋପୀନାଥ ଦାଶ**



ହୋଲି ପର୍ବ ଖାଲି ଭାରତରେ ଧୁମ୍‌ଧାମରେ ପାଳନ କରନ୍ତି ତା ନୁହେଁ ବରଂ ବିଦେଶରେ ମଧ ଭିନ୍ନ ଭିନ୍ନ ମାଧମରେ ହୋଲି ପର୍ବ ପାଳନ୍ତି। ମାଧମରେ ହୋଲି ପର୍ବ ପାଳନ୍ତି। ଭାରତରେ ରଙ୍ଗର ପର୍ବକୁ ହୋଲି କୁହାଯାଉଥିବା ବେଳେ ବିଦେଶରେ ଏହାକୁ ଅଲଗା ଅଲଗା ନାମରେ ସମ୍ବୋଧନ କରିଥାନ୍ତି। ରୋମ୍‌ରେ ଅପ୍ରେଲ ମାସରେ ହୋଲି ପର୍ବ ଭଳି ସାଟର ପର୍ବ ପାଳନ କରନ୍ତି। ହୋଲିରେ ଯେପରି ଭେଦଭାବ ଦୂର କରି ରଙ୍ଗ ମାଧମରେ ଅଭିନନ୍ଦନ ଜଣାଇ ହୋଲି ପାଳନ କରନ୍ତି ସେହିପରି ରୋମ୍‌ରେ ମାଲିକ ଓ ଚାକର ଏଠାରେ କିଏ କାହାର ଗୁଲାମୀ ନୁହେଁ। ଏଠାରେ ସମସ୍ତେ ସମାନ ଭାବେ ଖୋଲା ହୃଦୟର ସହିତ ହୋଲି ମନାନ୍ତି। ପ୍ରାଚୀନ କାଳରେ ଦାସଦାସୀଙ୍କୁ ଏହି ପର୍ବରେ ସ୍ୱାଧୀନ ମିଳୁଥିଲା। ସେମାନେ ଏହି ପର୍ବରେ ମାଲିକଙ୍କ ସହ ଖୁସିରେ ସାମିଲ ହେବା ସହ ଥଟ୍ଟମଜ୍ଜା କରି ଏହି ପର୍ବକୁ ପାଳନ କରନ୍ତି।

ଫ୍ରାନ୍ସରେ ମୂର୍ଖଙ୍କ ପର୍ବ ବୋଲି ହୋଲି ଖେଳାଯାଇଥାଏ। ଏହାକୁ ଅନେକ ସ୍ଥାନରେ ମହାମୂର୍ଖଙ୍କ ସମ୍ମିଳନୀ ଆୟୋଜନ କରାଯାଇଥାଏ। ଏଥିରେ ଜ୍ଞାନୀ ଏବଂ ବୁଦ୍ଧିଜୀବୀ ଏପରିକି ମୂର୍ଖ ଲୋକମାନେ ମଧ ସାମିଲ ହୋଇଥାନ୍ତି। ଏଥିରେ ସବୁ ବର୍ଗର ଲୋକ ଧୁମ୍ ମଚାଉଥିବା ବେଳେ ଯିଏ ନିଜକୁ ବଞ୍ଚାଇଥାନ୍ତି ତାଙ୍କ ମୁହଁ କଳା କରି ଲୋକମାନେ ମଜ୍ଜା ଉଡାଇଥାନ୍ତି। ଫ୍ରାନ୍ସ ପରି ଆମେରିକାରେ ମଧ ଅକ୍ଟୋବର ମାସରେ ହୋବୋ ନାମକ ପର୍ବ ପାଳନ କରାଯାଇଥାଏ। ଏହି ପର୍ବକୁ ଲୋକମାନେ ଧୁମ୍‌ଧାମରେ ପାଳନ କରିବା ସହିତ ଛୋଟ ଛୋଟ କାର୍ଯ୍ୟକ୍ରମ କରି ବିଜେତା ଦଳକୁ ପୁରସ୍କାର ଦେଇଥାନ୍ତି।

ଚୀନ୍‌ରେ ବସନ୍ତ ଋତୁ ପରେ ଚବେଜା ଦିବସ ନାମକ ପର୍ବ ପାଳନ କରନ୍ତି। ଏହି ପର୍ବରେ ଚାଇନା ଲୋକେ ପରସ୍ପରକୁ ରଙ୍ଗ ପକାଇ ଖୁସି ଅନୁଭବ କରିଥାନ୍ତି। ଏହି ପର୍ବରେ ବହୁମାତ୍ରାରେ ଚୀନ୍‌ବାସୀ ଯୋଗ ଦେଇ ପାଳନ କରନ୍ତି। ସେହିପରି ଆଫ୍ରିକାରେ ଭାରତୀୟ ପର୍ବ ବିଜୟ ଦଶମୀରେ ଓମେନା ବେଗା ନାମକ ପର୍ବ ପାଳନ କରନ୍ତି। ପୁରାତନ କାଳରେ ଜନୈକ ଅତ୍ୟାଚାରୀ ଶାସନ ଥିଲା। ଏହି ଦିନ ତାକୁ ପୋଡ଼ିଦିଆଯାଇ ମାରି ଦିଆଯାଇଥିଲା। ସେବେଠାରୁ ଆଫ୍ରିକୀୟମାନେ ଅତ୍ୟାଚାରୀ ଶାସକଙ୍କ ପୁତ୍ତଳା ପ୍ରସ୍ତୁତ କରି ଜଳାଇ ଗୀତଗାଇ ଓ ନାଚି ଖୁସି ମନାଇଥାନ୍ତି। ଜାପାନରେ ହୋଲି ଦିନ ନୂଆ ବସ୍ତ୍ର ପରିଧାନ କରି ନୂଆ ଢ଼ଙ୍ଗରେ ହୋଲି ପାଳନ କରନ୍ତି। ସେହିପରି ଇଟାଲୀରେ ବେଲିୟା କୋନେନ୍‌ସ ନାମକ ପର୍ବ ପାଳନ କରନ୍ତି। ଏହି ପର୍ବରେ ବଡ଼ ଶାଳୀନତାର ସହ ପାଳନ କରିଥାନ୍ତି। ପରସ୍ପରକୁ ସୁଗନ୍ଧଯୁକ୍ତ ରଙ୍ଗ ପକାଇବା ସହ ଶସ୍ୟ ଦେବୀଙ୍କୁ ଖୁସି କରିବା ଲାଗି ଭାରତୀୟ ଭଳି ସନ୍ଧ୍ୟା ସମୟରେ ସବୁ କାଠକୁ ଏକତ୍ରିତ କରି ଜଳାଇ ଗୀତ ଗାଇ ପାଳନ କରନ୍ତି।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋ: ୮୮୯୫୨୯୬୧୬୭

# ଓଡିଶାରୁ ତିନି ବିଶ୍ୱବିଦ୍ୟାଳୟ ଜାତୀୟ ଏକତା ଶିବିରରେ ଯୋଗଦାନ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ଏକତାର ଉତ୍ସାହ ପିଲାମାନଙ୍କୁ ତାଙ୍କର ଭବିଷ୍ୟତ ଗଢିବାରେ ଉଜ୍ଜ୍ୱଳ ମାର୍ଗଦର୍ଶନ ଦେବ ବୋଲି ବିର୍ଲା ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ପାଟନା, ବିହାରରେ ଆୟୋଜିତ ଜାତୀୟ ସେବା ଯୋଜନା ମାଧ୍ୟମରେ ଆୟୋଜିତ ଜାତୀୟ ଏକତା ଶିବିରରେ ଓଡ଼ିଶାରୁ ଉତ୍କଳ ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୨୩ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜରୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ଡ. ପ୍ରତିମା ପ୍ରଧାନ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ସୁଶାନ୍ତ କୁମାର ବେହେରା ଯୋଗ ଦେଇ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ୨୫ ଫେବୃୟାରୀ, ୨୦୨୩ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ୯ଟି ରାଜ୍ୟର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପିଲାମାନେ ଏକତା ଶିବିର ଆରମ୍ଭରୁ ସବୁ ରାଜ୍ୟ ସହିତ ମିଶି ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିଲେ। ଦେଶାତ୍ମବୋଧକ ଓ ଲୋକନୃତ୍ୟ ସହିତ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକତା ମନ୍ତ୍ରକୁ ଏକ ବନ୍ଧନରେ ପରିଣତ କରି ଏକତା ଓ ଅଖଣ୍ଡତାକୁ ପାଥେୟ କରି ବିଭିନ୍ନ ପ୍ରକାର ନାଚଗୀତ ପ୍ରଦର୍ଶନ କରିବା ସହିତ ଅନେକ ପ୍ରକାର ଆନନ୍ଦରେ ପିଲାମାନଙ୍କର ୭ ଦିନର କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଅଖଣ୍ଡତା ଓ ଏକତା ପ୍ରସଙ୍ଗକୁ ନେଇ ରାଲି କରାଯାଇଥିଲା। ଜି-୨୦ ଓ ୱାଇ-୨୦ ଆଲୋଚନାରେ ଭାଗ ନେଇଥିଲେ। ଜି-୨୦ ଉପରେ ପିଲାମାନଙ୍କ ବକ୍ତବ୍ୟ ଓ ୱାଇ-୨୦ ଉପରେ ପିଲାମାନଙ୍କର ଧାରଣାକୁ ଏନ୍‌ଏସ୍‌ଏସ୍‌ର ଆ ଲିକ ନିର୍ଦ୍ଦେଶକ ପିୟୁସ ସାର୍ ଖୁବ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଆ ଲିକ ନିର୍ଦ୍ଦେଶକ ପିୟୁସ ସାର୍ ଓ ବିର୍ଲା ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ପାଟନା, ବିହାରର ନିର୍ଦ୍ଦେଶକଙ୍କ ସହିତ ଏନ୍‌ଏସ୍‌ଏସ୍‌ର ସମସ୍ତ କର୍ମକର୍ତାମାନେ ସୁରୁରୂ ରୂପେ କ୍ୟାମ୍ପକୁ ପରିଚାଳନା କରିଥିଲେ। ମାର୍ଚ୍ଚ ୩ ତାରିଖ ଦିନ କ୍ୟାମ୍ପର ଉଦ୍‌ଯାପନୀ ଉତ୍ସବରେ ସମସ୍ତେ ଭାବବିହ୍ୱଳ ହୋଇ ଏକତା ଓ ଅଖଣ୍ଡତାର ପରିଚୟ ଦେଇଥିଲେ। ଏହି ଶିବିରରେ ସମସ୍ତ ପିଲାମାନେ ଶିକ୍ଷାଲାଭ କରି ନିଜ ନିଜ ରାଜ୍ୟକୁ ଫେରି ଆସିଥିଲେ।

# ପୁରୀରେ ରାମାନୁଜାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ପୁରୀ, ୦୫/୦୩ (ନି.ପ୍ର): ପୁରୀ ତାଳବଣିଆ ସ୍ଥିତ ହେଲିପ୍ୟାଡ ନିକଟ ଛକଠାରେ ଆଜି ପୂର୍ବାହ୍ନରେ ପରମପୂଜ୍ୟ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ପ୍ରତିମୂର୍ତି ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଜିର ଦିବସ ଏକ ମହାନ ଦିବସ ଯେଉଁ ଦିବସରେ ପରମପୂଜ୍ୟ ରାମାନୁଜାଚାର୍ଯ୍ୟଙ୍କ ପ୍ରତିମୂର୍ତି ଜଗନ୍ନାଥ ଧାମରେ ପ୍ରତିଷ୍ଠା ହୋଇଛି ବୋଲି କହିଥିଲେ। ପ୍ରେମ, ଭାଇଚାରା, ସମଦୃଷ୍ଟି ଓ ପାରସ୍ପରିକ ସଦଭାବନା ଆମ ସଂସ୍କୃତିର ମୂଳମନ୍ତ୍ର, ଯାହା ବହୁ ପୂର୍ବରୁ ପରମପୂଜ୍ୟ ରାମାନୁଜାଚାର୍ଯ୍ୟ ନିଜ ଜୀବନ ଓ କାର୍ଯ୍ୟରେ ପ୍ରତିପାଦିତ କରିଛନ୍ତି। ସମଗ୍ର ବିଶ୍ୱ ଯେତେବେଳେ ଅସ୍ଥିରତା ଓ ଶଙ୍କାଗ୍ରସ୍ତ ଭାବେ ରହିଛି, ଅନେକ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରକୁ ଯୁଦ୍ଧାସ୍ତ୍ର, ମାରଣାସ୍ତ୍ର ପ୍ରଦାନ କରୁଛନ୍ତି ସେତେବେଳେ ବିଶ୍ୱଭାତୃତ୍ୱକୁ ଜାଗ୍ରତ କରୁଥିବା ଭାରତ କ୍ଷତିଗ୍ରସ୍ତ ରାଷ୍ଟ୍ରକୁ ଔଷଧ, ଖାଦ୍ୟ ପାନୀୟ ଓ ସହାୟତା ଯୋଗାଣ କରି ଶାନ୍ତି ଓ ପ୍ରେମର ବାର୍ତା ଦେଉଛି ବୋଲି କହିଥିଲେ। ଶ୍ରୀ ଶ୍ରୀ ଯଦୁଗିରି ୟାଥିରାଜ ନାରାୟଣ ରାମାନୁଜ ଜୀୟର ସ୍ୱାମୀ ଏଥିରେ ଯୋଗଦେଇ ଜଗନ୍ନାଥ ଧାମକୁ ରାମାନୁଜାଚାର୍ଯ୍ୟ ପ୍ରାୟ ୯୬୦ ବର୍ଷ ପୂର୍ବରୁ ଆସି ଦର୍ଶନ କରିଥିଲେ ଏବଂ ଆଜି ତାଙ୍କର ପ୍ରତମୂର୍ତି ପୁରୀ ମାଟିରେ ପ୍ରତିଷ୍ଠା ଏକ ଗୌରବର କଥା ବୋଲି କହିଥିଲେ। ରାମାନୁଜାଚାର୍ଯ୍ୟ ଥିଲେ ଜ୍ଞାନ ଓ ଭକ୍ତିର ପ୍ରତୀକ। ଚାରି ଧାମରେ ତାଙ୍କ ପ୍ରତିମୂର୍ତି ସ୍ଥାପନ ସହ ଗୁଜରାଟ ଗାନ୍ଧି ନଗରରେ ମଧ ପ୍ରତମୂର୍ତି ସ୍ଥାପନ ବଡ ଖୁସିର କଥା। ପୁରୀରେ ଏକ ଗୋଶାଳା ନିର୍ମାଣର ବ୍ୟବସ୍ଥା ରହିଛି ବୋଲି ସେ ସୂଚନା ଦେବାସହ ଏହି ଛକ ବା ରାସ୍ତାକୁ ରାମାନୁଜାଚାର୍ଯ୍ୟଙ୍କ ନାମରେ ନାମିତ ପାଇଁ ପରାମର୍ଶ ଦେଇଥିଲେ। ପରମପୂଜ୍ୟ ପରମହଂସ ପ୍ରଜ୍ଞାନନ୍ଦ ଜୀ ପ୍ରତିମୂର୍ତି ଉନ୍ମୋଚନ କରି କେବଳ ଜ୍ଞାନ ଓ ଭକ୍ତିର ବିକାଶ ନୁହେଁ ଦେଶର ସଂହତି ଓ ଏକତା, ଶାନ୍ତି ଓ ମୈତ୍ରୀ ପାଇଁ ରାମାନୁଜାଚାର୍ଯ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ ସମସ୍ତେ ଦେଶରେ ମାନବିକତାର ମୂଲ୍ୟବୋଧକୁ ଉଜ୍ଜୀବିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାରପ୍ରାପ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ରାମାନୁଜାଚାର୍ଯ୍ୟଙ୍କ ପ୍ରତମୂର୍ତି ଉନ୍ମୋଚନ, ତାହାର ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଦ୍ୱାରକାନାଥ ଶେଷାଦ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଆକାଉଂଟ ଜେନେରାଲ ନବୀନ କୁମାର, ଡା. ୟୁ ଭିସି ଭେଙ୍କେଟେକ୍ରିଷ୍ଣା, ପ୍ରିୟବ୍ରତ କର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ମିହିର କୁମାର ପଣ୍ଡା, ଉପଜିଲ୍ଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ସିଟି ଡିଏସପି କେ କେ ହରିପ୍ରସାଦ, ସମୁଦ୍ର କୂଳ ଆଇଆଇସି ଚିନ୍ମୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ ପାଳନ

ମାଲକାନଗିରି, ୦୫/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ୫ ରୁ ୯ ମାର୍ଚ୍ଚ ପର୍ଯ୍ୟନ୍ତ ଜିଲ୍ଲା ଉଦ୍ୟୋଗୀ ସପ୍ତାହ ପାଳନ କରାଯାଉଛି। ଆଜି ସ୍ଥାନୀୟ ଜିଲ୍ଲା ଶିଳ୍ପ କେନ୍ଦ୍ର ଠାରେ ସାଧାରଣ ପରିଚାଳକ, ତରୁଣକାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଜିଲ୍ଲା ଉଦ୍ୟୋଗୀ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗଦେଇ ଜିଲ୍ଲାରେ ବହୁଳ ଭାବେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା କରି ଜିଲ୍ଲାର ଆର୍ଥିକ ଅଭିବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଶ୍ରୀ ମହାନ୍ତି ଶିଳ୍ପ ନୀତି-୨୦୨୨ ବିଷୟରେ ପୁଙ୍ଖାନପୁଙ୍ଖ ଆଲୋକପାତ କରିଥିଲେ। ସେଥିରେ ସେ କହିଥିଲେ ଯେ, ଏମଏସଏମଇ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଜମି ରିହାତି ଦରରେ ଯୋଗାଇ ଦିଆଯିବା ସହ ପ୍ରିମିୟମ କନଭର୍ସନ ପାଇଁ ୧୦୦ ଶତକଡ଼ା ଛାଡ ଅଛି । ସେହିପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଜମି ପଞ୍ଜୀକରଣରେ ୧୦୦ ପ୍ରତିଶତ ରିହାତି ସହ ବିଦ୍ୟୁତ୍ ସଂଯୋଗିକରଣରେ ୭ ବର୍ଷ ପାଇଁ ୧୦୦ ପ୍ରତିଶତ ଛାଡ ବ୍ୟବସ୍ଥା ରହିଛି। ପାୱାର ଟାରିଫରେ ୨ ଟଙ୍କା ୟୁନିଟ ପିଛା ୭ ବର୍ଷ ପାଇଁ ଛାଡ ରହିଛି। ମୁଖ୍ୟବକ୍ତା ଭାବେ ଡଃ. ରଞ୍ଜନ ସ୍ୱାଇଁ ଯୋଗଦେଇ ଯୁବକଯୁବତୀ ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ। ସେ ଖାଦ୍ୟ ପ୍ରକ୍ରିୟାକରଣ ବିଷୟରେ ସଂପୂର୍ଣ୍ଣ ବିବରଣୀ ପାଠ କରିଥିଲେ। ଆଜି ଅତିଥିମାନେ ୩୦ ଗୋଟି ଷ୍ଟଲ କୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ମହାବିଦ୍ୟାଳୟ ଓ ସରକାରୀ ପଲିଟେକନିକ୍ ରୁ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ଦାସ, ରବୀନ୍ଦ୍ର ନାଥ କୁଣ୍ଡୁ ଏବଂ ମଧୁସୂଦନ ଦାସ ଯୋଗ ଦେଇଥିଲେ। ସଭା ଶେଷରେ ଆଇପିଓ ଶୁଭଶ୍ରୀ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ଧାରଣା ଦେବ ରାଜ୍ୟ ଗୃହରକ୍ଷୀ ମହାସଂଘ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ରାଜ୍ୟ ଗୃହରକ୍ଷୀ ମହାସଂଘ ତରଫରୁ ଆସନ୍ତା ୧୩.୦୩.୨୦୨୩ରିଖରୁ ଶାନ୍ତିପୂର୍ଣ୍ଣ ଧାରଣା ଦେବା ପାଇଁ ନିଷ୍ପତି ନିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ୧୯୬୧ ଗୃହରକ୍ଷୀ ଆଇନ ୧୯୬୨ ମସିହା ନିୟମାବଳୀରେ ବ୍ୟାପକ ସଂଶୋଧନ, ସ୍ଥାୟୀ ନିଯୁକ୍ତି, ସାମାଜିକ ସୁରକ୍ଷା ଏବଂ ଗ୍ରାକିରୀର ସର୍ତ୍ତାବଳୀ ପ୍ରଣୟନ କରି ନିୟମିତ କରିବା, ମାର୍ଚ୍ଚ ୨୨, ୨୦୧୩ ରିଖରେ ୭୪ଜଣ ଓ ୧୭/୧୮.୧.୨୦୧୮ରିଖରେ ୨୨ଜଣ ଗୃହରକ୍ଷୀଙ୍କ ନାମରେ ରୁଜୁ କରାଯାଇଥିବା ମିଥ୍ୟା ମୋକଦ୍ଦମାକୁ ପ୍ରତ୍ୟାହାର କରି ନିଯୁକ୍ତି ପ୍ରଦାନ କରିବା, ୨୦୧୬ ମସିହାରେ ମାନ୍ୟବର ସୁପ୍ରିମକୋର୍ଟ ଅଦାଲତ ଅବମାନନା ମାମଲାର ବିଚାର କରି ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା, ତା ୯.୧୧.୨୦୦୧ରିଖ ପତ୍ର ସଂଖ୍ୟା ୧୮୯୬ ନିର୍ଦ୍ଦେଶନାମା ଅନୁଯାୟୀ ଗୃହରକ୍ଷୀଙ୍କୁ ଅକଚ୍ୟୁଲାରି ଫାୟାର ଫୋର୍ସ ଭାବେ ପଦୋନ୍ନତି କରିବା ସହିତ ଖାଲି ପଡ଼ିଥିବା ୧୫୭୫ ଗୃହରକ୍ଷୀ ପଦବୀରେ ଆଇନତଃ ବିଚାରଧୀନ ଗୃହରକ୍ଷୀମାନଙ୍କୁ ସେହି ପଦବୀରେ ନିଯୁକ୍ତି ଦେବା ନିମନ୍ତେ ମହାସଂଘ ପକ୍ଷରୁ ଦୀର୍ଘ ଦିନ ଧରି ଅଭିଯୋଗ କରାଯାଉଥିଲେ ମଧ ସରକାରଙ୍କ ଏଥିପ୍ରତି ସମ୍ବେଦନଶୀଳ ମନୋଭାବ ରଖିବା ଆବଶ୍ୟକତା ଥିବାବେଳେ ଏହା କ୍ରିୟାଶୀଳ ନ ହେବାରୁ ତା ୧୩.୦୩.୨୦୨୩ ରିଖରୁ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ପାଇଁ ମହାସଂଘ ପକ୍ଷରୁ ନିଷ୍ପତି ନିଆଯାଇଛି। ଦାବୀପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ରାଜ୍ୟ ସଭାପତି ଉପେନ୍ଦ୍ର ମହାପାତ୍ର ଏକ ପ୍ରେସ୍ ବିର୍ବୃ ିରେ ଜଣାଇଛନ୍ତି।

# ପଂଚାୟତିରାଜ ଦିବସକୁ ଭ୍ରଷ୍ଟାଚାର ଦିବସ ରୂପେ ପାଳନ କଲା ହରିଚନ୍ଦନପୁର ବିଜେପି

ହରିଚନ୍ଦନପୁର, ୦୫/୦୩ (ନି.ପ୍ର): ବିପର୍ଯ୍ୟସ୍ତ ପଂଚାୟତିରାଜ ବ୍ୟବସ୍ଥାକୁ ବିଜେପିର ପ୍ରତିବାଦରେ ସାରା ଓଡ଼ିଶାରେ ଏହି ପଂଚାୟତିରାଜ ଦିବସକୁ ଭ୍ରଷ୍ଟାଚାର ଦିବସ ରୂପେ ପାଳୁଛି ବିଜେପି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବିଜେପି ପକ୍ଷରୁ ମଣ୍ଡଳ ସଭାପତି ଜୟକୃଷ୍ଣ ମହାନ୍ତଙ୍କ ନେତୃତ୍ୱରେ ପଂଚାୟତ ସମିତି କାର୍ଯ୍ୟାଳୟ ବାହାରେ କଳାବ୍ୟାଚ ପରିଧାନ କରି ବିଭିନ୍ନ ନାରା ଦେଇ ପଂଚାୟତିରାଜ ଦିବସକୁ ଭ୍ରଷ୍ଟାଚାର ବା କଳା ଦିବସ ଭାବେ ପାଳିନ କରିଛନ୍ତି। ପଂଚାୟତ ଗୁଡ଼ିକରେ ଗ୍ରାମସଭା ଓ ପଲ୍ଲୀସଭା କାର୍ଯ୍ୟକାରୀ କରି ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାକୁ ମଜଭୂତ କରିବା ନିମନ୍ତେ ଭାରତ ସରକାରଙ୍କ ବ୍ୟବସ୍ଥା ରହିଥିବା ବେଳେ ବିଜେଡି ସରକାର ଏହାକୁ ତାଲା ପକାଇବାକୁ ଉଦ୍ୟମ କରିଛନ୍ତି। ଓଡ଼ିଶା ସରକାର ପଂଚାୟତିରାଜ ବ୍ୟବସ୍ଥାରେ କରିଥିବା ଭ୍ରଷ୍ଟାଚାର ସର୍ବଶ୍ରେଷ୍ଠ ସ୍ତରରେ ପହଂଚିଛି । ପଂଚାୟତର ସାଧାରଣ ଲୋକେ ସେମାନଙ୍କ ଅଂଚଳର ଉନ୍ନତି କରିବା ନିମନ୍ତେ ଯେଉଁ ଭୂମିକା ନେଉଥିଲେ ତାହାକୁ ତାଲା ପକାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି, ମନରେଗାରେ ଦୁର୍ନୀତି, ପଂଚାୟତକୁ ଆସୁଥିବା କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ଫାଇନାନ୍ସ କମିଶନ ବା ସିଏଫସି ଟଙ୍କା ଓ ଯୋଜନାକୁ ସରକାର ହାଇଯାକ କରି ନିରୀହ ଲୋକଙ୍କୁ ଶୋଷଣ କରୁଥିବା ନେଇ ଭାରତୀୟ ଜନତା ପାର୍ଟିର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅନନ୍ତ ଚରଣ ସାହୁ ପ୍ରଶ୍ନ କରିଥିଲେ। କାର୍ଯ୍ୟକ୍ରମରେ ୩୨ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରାର୍ଥୀ ଜଗବନ୍ଧୁ ମୋଦୀ, ଯୁବ ମୋର୍ଚ୍ଚା ସଭାପତି କୋଦଣ୍ଡଧର ସାହୁ, ବ୍ରାହ୍ମଣୀପାଳ ମଣ୍ଡଳ ସଭାପତି ହୃଷୀକେଶ ମହାନ୍ତ, ଜଂଘିରା ମଣ୍ଡଳ ସଭାପତି ଅଶୋକ ବେହେରା, ହରିଚନ୍ଦନପୁର ମଣ୍ଡଳ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତ, ପ୍ରତାପ ରୁଦ୍ର ସାହୁଙ୍କ ସମେତ ପ୍ରସନ୍ନ ସାହୁ, ଜଗନ୍ନାଥ ବେହେରା, ଗୁଣନିଧି ବେହେରା ଓ ପ୍ରମୁଖ ବରିଷ୍ଠ ବିଜେପି କର୍ମୀ ଯୋଗ ଦେଇଥିଲେ ।

# ବଲାଙ୍ଗୀରଠାରେ ଜିଲ୍ଲାସ୍ତରୀୟ ପଂଚାୟତିରାଜ ଓ ଲୋକସେବା ଦିବସ ପାଳିତ

ବଲାଙ୍ଗୀର, ୦୫/୦୩ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସଭା ଗୃହ ଠାରେ ଜିଲ୍ଲାସ୍ତରୀୟ ପଂଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛ। ପ୍ରବାଦପୁରୁଷ ଓଡ଼ିଶାର ବରପୁତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲାସ୍ତରୀୟ ପଂଚାୟତିରାଜ ଓ ଲୋକସେବା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଦେବକୀ ସାହୁ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଲୋକାଭିମୁଖୀ ଯୋଜନାଗୁଡିକ ସମ୍ପର୍କରେ ପଂଚାୟତିରାଜ ଅନୁଷ୍ଠାନର ପ୍ରତିନିଧିମାନେ ନିଜେ ସଚେତନ ହେବା ସହ ଜନସାଧାରଣଙ୍କୁ ମଧ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ର ପ୍ରଗତି ନିମନ୍ତେ ପଂଚାୟତିରାଜ ଅନୁଷ୍ଠାନର ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଉତମ ସମନ୍ୱୟ ରଖି ଯୋଜନା ଗୁଡିକର ସଫଳ ରୂପାୟନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଜିଲ୍ଲାପାଳ ଚଂଚଳ ରାଣା ଅତିଥି ଭାବେ ଯୋଗଦେଇ ପଂଚାୟତିରାଜ ଅନୁଷ୍ଠାନର ପ୍ରତିନିଧିମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ତେଣୁ ଯୋଜନା ସମ୍ପର୍କରେ ଅବଗତ ହେବା ସହ ଯୋଜନାର ସୁଯୋଗ ନେଇ ଅଂଚଳର ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ର ୧୭ ଟି ଲକ୍ଷ୍ୟ ନେଇ ଏହାର ସ୍ଥାନୀୟକରଣ ନିମନ୍ତେ ୯ ଗୋଟି ବିଷୟ ଭିତିକ କ୍ଷେତ୍ର ସମ୍ପର୍କରେ ପଂଚାୟତିରାଜ ଅନୁଷ୍ଠାନର ପ୍ରତିନିଧି ମାନେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ସିଂ ପଂଚାୟତିରାଜ ଓ ଲୋକସେବା ଦିବସ ପାଳନର ତତ୍ପର୍ଯ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବା ସହ ଜିଲ୍ଲାରେ ବିଭିନ୍ନ ଯୋଜନା ଜରିଆରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକର ରୂପରେଖ ଓ କାର୍ଯକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ଯୋଜନା ମାଧ୍ୟମରେ ହୋଇଥିବା ସଫଳତା ସମ୍ପର୍କରେ ସେ ସୂଚନା ଦେଇଥିଲେ। ସଭାରେ ଜିଲ୍ଲା ପଂଚାୟତ ଅଧିକାରୀ ପ୍ରମୋଦ କୁମାର ମିଶ୍ର ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଓରମାସର ଯୁଗ୍ମ ସିଇଓ କମଳେନ୍ଦୁ ପାଲ ଜାତୀୟ ଗ୍ରାମୀଣ ଜୀବିକା ମିଶନ, ମିଶନ ଶକ୍ତି, ଓରମାସ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ୫’ ଟି ମାଧ୍ୟମରେ ବିଦ୍ୟାଳୟ ରୂପାନ୍ତରିକରଣ ସମ୍ପର୍କରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ । ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ର ସମସ୍ତ ୯ ଗୋଟି ବିଷୟ ଭିତିକ କ୍ଷେତ୍ର ରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ବଙ୍ଗୋମୁଣ୍ଡା ବ୍ଲକ ର ଭାଲୁମୁଣ୍ଡା ଗ୍ରାମ ପଂଚାୟତ କୁ ୩ ଲକ୍ଷ ଟଙ୍କା, ଖପ୍ରାଖୋଲ ବ୍ଲକ ର ଲାଠୋର ଗ୍ରାମ ପଂଚାୟତ କୁ ୨ ଲକ୍ଷ ଟଙ୍କା ଓ ଆଗଲପୁର ବ୍ଲକ ର ନଅଗାଁ ଗ୍ରାମ ପଂଚାୟତ କୁ ୧ ଲକ୍ଷ ଟଙ୍କା ଡମି ଚେକ ଆକାରରେ ଜିଲ୍ଲା ପରିଷଦ ଅଧକ୍ଷା ଓ ଜିଲ୍ଲାପାଳ ସମ୍ପୃକ୍ତ ସରପଂଚଙ୍କୁ ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ସେହିପରି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ର ୯ ଗୋଟି ବିଷୟ ଭିତିକ କ୍ଷେତ୍ର ର ପ୍ରତ୍ୟେକ କ୍ଷେତ୍ର ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜିଲ୍ଲା ର ୯ ଗୋଟି ଗ୍ରାମ ପଂଚାୟତକୁ ୧ ଲକ୍ଷ ଟଙ୍କା ଲେଖାଏଁର ପୁରସ୍କାର ଡମି ଚେକ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଦାରିଦ୍ର୍ୟ ମୁକ୍ତ ଓ ଉନ୍ନତ ଜୀବିକା ଯୁକ୍ତ ଗ୍ରାମ ପଂଚାୟତ ଭାବେ ବଙ୍ଗୋମୁଣ୍ଡା ବ୍ଲକ ର ଭାଲୁମୁଣ୍ଡା ଗ୍ରାମ ପଂଚାୟତ, ସୁସ୍ଥ ଗ୍ରାମ ପଂଚାୟତ ଭାବେ ଖପ୍ରାଖୋଲ ବ୍ଲକ ର ପଡିଆବାହାଲ ଗ୍ରାମ ପଂଚାୟତ, ଶିଶୁ ଅନୁକୂଳ ଗ୍ରାମ ପଂଚାୟତ ଭାବେ ଟିଟିଲାଗଡ ବ୍ଲକ ର ଶିହିନୀ ଗ୍ରାମ ପଂଚାୟତ, ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମ ପଂଚାୟତ ଭାବେ ଖପ୍ରାଖୋଲ ବ୍ଲକର ପଡିଆବାହାଲ ଗ୍ରାମ ପଂଚାୟତ, ସୁସ୍ଥ ଓ ସବୁଜ ଗ୍ରାମ ପଂଚାୟତ ଭାବେ ଖପ୍ରାଖୋଲ ବ୍ଲକ ର ଲାଠୋର ଗ୍ରାମ ପଂଚାୟତ, ଭିତିଭୂମି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଗ୍ରାମ ପଂଚାୟତ ଭାବେ ଟିଟିଲାଗଡ ବ୍ଲକ ର ଶିହିନୀ ଗ୍ରାମ ପଂଚାୟତ, ସାମାଜିକ ଭାବେ ସୁରକ୍ଷିତ ଗ୍ରାମ ପଂଚାୟତ ଭାବେ ଆଗଲପୁର ବ୍ଲକର ନଅଗାଁ ଗ୍ରାମ ପଂଚାୟତ, ସୁଶାସନ ଥିବା ଗ୍ରାମ ପଂଚାୟତ ଭାବେ ପୁଇଁତଲା ବ୍ଲକର ଭାଲେର ଗ୍ରାମ ପଂଚାୟତ ଓ ମହିଳା ଅନୁକୂଳ ଗ୍ରାମ ପଂଚାୟତ ଭାବେ ଖପ୍ରାଖୋଲ ବ୍ଲକର ମହରାପଦର ଗ୍ରାମ ପଂଚାୟତ କୁ ପୁରସ୍କୃତ କରାଯାଇଥିଲା। ସଭା ଶେଷ ରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କନ୍ଧମାଳ ଚିନ୍ତନ ପରିଷଦ ପକ୍ଷରୁ ରିଲିଫ୍ ବଂଟନ

କନ୍ଧମାଳ, ୦୫/୦୩ (ନି.ପ୍ର): କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ ନାମକ ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନୁଷ୍ଠାନ ପକ୍ଷରୁ ଭାରତୀୟ ରେଡକ୍ରସ ସଂସ୍ଥା ପ୍ରଦତ ରିଲିଫ ସାମଗ୍ରୀ ଫୁଲବାଣୀ ବ୍ଲକ ଅନ୍ତର୍ଗତ ପଦର ସାହି ଗ୍ରାମରେ ଆଜି ଗରିବ ଓ ଦୁସ୍ଥ ଲୋକମାନଙ୍କୁ ବଂଟନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ଉତ୍ସବ ରେ ଚିନ୍ତନ ପରିଷଦ ର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିଲେ। ଶିକ୍ଷାବିତ ଶୁକମୁନି ନାୟକ,ଅବସରପ୍ରାପ୍ତ ରେଞ୍ଜର ଶତ୍ରୁଘ୍ନ ମହାନ୍ତି,ଚିନ୍ତନ ପରିଷଦ ର ସମ୍ପାଦକ ତଥା ପୂର୍ବତନ ବ୍ୟାଙ୍କ୍ ମ୍ୟାନେଜର ଶୁଭେନ୍ଦୁ ତ୍ରିପାଠୀ,ବରିଷ୍ଟ ସଦସ୍ୟ ଦିଲ୍ଲୀପ କୁମାର ସାହୁ ଓ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗ୍ରାମାଂଚଳରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସ୍ଥାନୀୟଅଧିବାସୀମାନେ ସଚେତନ ହେଲେ ହିଁ ଏହାର ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ବିଶେଷ କରି ମଣା ଖୋଲ ଠାରୁ ପଦର ସାହି ଦେଇ ବଇଡ। ପର୍ଯ୍ୟନ୍ତ ପକା ରାସ୍ତା ନିର୍ମାଣ ହେଲେ ଲାଇନ ପଡ଼ା ଓ ଖଜୁରୀପଡ଼ା ଅଧିବାସୀ ଉପକୃତ ହୋପାରିବେ। ଏଥିସହିତ ସଂପୃକ୍ତ ଅଂଚଳର ଚାଷୀ ମାନଙ୍କ ବଳକା ପନିପରିବା ଗଛିତ ରଖିବା ପାଇଁ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ଓ ଫୁଲବାଣୀ ସାପ୍ତାହିକ ହାଟ ର ଉନ୍ନତି କରଣ କରାଯାଇ ଗ୍ରାମାଂଚଳରେ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦ ବିକ୍ରିବଟା ପାଇଁ ସୁଯୋଗ ଦେବାକୁ ଦାବୀ ଉଠିଥିଲା।

# ହୋଲିକା ଦହନ

ଲଳିତ ମୋହନ ମିଶ୍ର



ଦେଶରେ ବିଭିନ୍ନ ପର୍ବ ମାନଙ୍କ ମଧ୍ୟରୁ ଗୋଟିଏ ବଡ ପର୍ବ ହେଉଛି ହୋଲି । ଏହି ପର୍ବ ଭାରତରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୀତିନୀତି ରେ ପାଳନ କରାଯାଇ ଥାଏ । କେଉଁ ସ୍ଥାନରେ ଦଶ ଦିନ ତ ଆଉ କେଉଁଠି ପାଞ୍ଚ ଦିନ, ପୁଣି କେଉଁଠି ଦୁଇ ଦିନ । କିନ୍ତୁ ଅନେକ ସ୍ଥାନରେ ଦୁଇ ଦିନ କୁ ଅଧିକ ଗୁରୁତ୍ୱ ଦିଆଯାଇ ଥାଏ । ବିଶେଷ ଭାବରେ ଫାଲଗୁନ ମାସର ପୁର୍ଣିମା ଦିନଟି ରେ ହୋଲିକା ଦହନ କରାଯାଇ ଥାଏ । ଚଳିତ ବର୍ଷ ଏହା ମାର୍ଚ୍ଚ ମାସ ସାତ ତାରିଖ ରେ ଅନୁଷ୍ଠିତ ହେଉଅଛି । ଫାଲଗୁନ ପୁର୍ଣିମା ଦିନଟି ରେ ଲୋକେ ହୋଲିକା ଦହନ କରନ୍ତି ଓ ତାର ପର ଦିନ ରଙ୍ଗର ପର୍ବ ହୋଲି କୁ ପାଳନ କରନ୍ତି । ଆସନ୍ତୁ ଜାଣିବା କଣ ରହିଛି ଏହା ପଛର ପୌରାଣିକ କଥା । ମହର୍ଷି କଶ୍ୟପ ଓ ଦ୍ୱିତୀଙ୍କର କନ୍ୟା ଥିଲେ ହୋଲିକା । ହୋଲିକାଙ୍କର ଦୁଇ ଭାଇ ଥିଲେ, ହିରଣାକ୍ଷ ଓ ହିରଣ୍ୟକଶ୍ୟପ । ହିରଣ୍ୟକଶ୍ୟପ ବିଷ୍ଣୁ ବିରୋଧୀ ଥିଲେ, ଅନ୍ୟ ପକ୍ଷରେ ତାଙ୍କ ପୁତ୍ର ପ୍ରହଲ୍ଲାଦ ପରମ ବିଷ୍ଣୁ ଭକ୍ତ ଥିଲେ । ହିରଣ୍ୟକଶ୍ୟପ ତପସ୍ୟା ଦ୍ୱାରା ବ୍ରହ୍ମାଙ୍କୁ ଏପରି ବର ମାଗିଥିଲେ - କିଏ ତାକୁ ରାତିରେ ମାରିପାରିବ, ନା ଦିନରେ ମାରିପାରିବ, ନା କେହି ଘରେ ମାରିପାରିବ ନା ବାହାରେ । ନା କୌଣସି ଦେବତା ବା ମନୁଷ୍ୟ ମାରି ପାରିବ ନା କୌଣସି ପଶୁ ହାତରେ ଜୀବନ ଯିବ । ବ୍ରହ୍ମାଙ୍କ ନିକଟରୁ ତଥାସ୍ତୁ ଶୁଣିବା ପରେ ସେ ଖୁସି ଓ ଅହଂକାରୀ ହୋଇ ଯାଇଥିଲା । ଏହାଛଡା ତାର ଭଉଣୀ ମଧ ବରଦାନ ପାଇଥିଲା ଯେ କଦାପି ନିଆଁ ରେ ସେ ଜଳିବ ନାହିଁ । ବିଷ୍ଣୁ ପୁରାଣରେ ବର୍ଣିତ ଏହି ବରଦାନ ପାଇବା ପରେ ହିରଣ୍ୟକଶ୍ୟପକୁ ନିଜ ଜୀବନର ଭୟ ଆଉ ରହି ନ ଥିଲା । ଏହାପରେ ସେ ବିଭିନ୍ନ ପ୍ରକାର ଅନ୍ୟାୟ ଅତ୍ୟାଚାର କରିବାକୁ ଲାଗିଲା । ସେ ନିଜର ପ୍ରଜାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ କେବଳ ତାର ପୂଜା କରାଯାଉ । କିନ୍ତୁ ହିରଣ୍ୟକଶ୍ୟପଃ ପୁତ୍ର ପ୍ରହଲ୍ଲାଦ ବିଷ୍ଣୁଙ୍କୁ ପୂଜା କରୁଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ହିରଣ୍ୟକଶ୍ୟପ ନିଜ ପୁତ୍ରକୁ ଅନେକଥର ମାରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ପ୍ରତ୍ୟେକଥର ଭଗବାନ ବିଷ୍ଣୁ ପ୍ରହ୍ଲାଦକୁ ରକ୍ଷା କରୁଥିଲେ । ହିରଣ୍ୟକଶ୍ୟପ ଯେତେବେଳେ କୌଣସି ଉପାୟ ପାଇଲା ନାହିଁ ନିଜ ଭଉଣୀ ହୋଲିକାକୁ ଡାକିଲା, ଓ କହିଲା ଭଉଣୀ ! ତୁମେ ନିଆଁରେ ପୋଡି ନ ହେବାର ବରଦାନ ପାଇଛ । ତେଣୁ ତୁମେ ପ୍ରହ୍ଲାଦକୁ ନିଜ କୋଳରେ ବସାଇ ନିଅଁରେ ଉପବେଶନ କର ଯାହାଦ୍ୱାରା ପ୍ରହ୍ଲାଦ ପୋଡି ହୋଇଯିବ। ଏବଂ ତୁମେ ଜୀବିତ ରହିବ । ଏହାପରେ ହୋଲିକା କାଠରେ ନିଆଁ ଲଗାଇ ତା ଉପରେ ପ୍ରହ୍ଲାଦ କୁ କୋଳରେ ଧରି ବସିଲା। ସକରାତ୍ମକ ପ୍ରଭାବରେ ନକରାତ୍ମକ ପ୍ରଭାବର ବିନାଶ ହୁଏ । ସେହିପରି ପ୍ରହ୍ଲାଦ ଶ୍ରୀହରି ଙ୍କ ନାମ ଜପ କରି ଜୀବିତ ରହିଲା ଓ ହୋଲିକାର ଅଗ୍ନିରେ ଧ୍ୱଂସ ହୋଇ ମୃତ୍ୟୁବରଣ କଲା । ଏହିଦିନ ଟି ଥିଲା ଫାଲଗୁନ ପୁର୍ଣିମା, ତେଣୁ ସେହି ଦିନଠାରୁ ଅଧର୍ମ ଉପରେ ଧର୍ମର ବିଜୟ ପାଇଁ ପ୍ରତିବର୍ଷ ଫାଲଗୁନ ପୁର୍ଣମାରେ ହୋଲିକାର ଦହନ କରାଯାଇ ଥାଏ।

ହୋଲି : ଦୋଳ ପୁନେଇଁ ବା ଦୋଳଯାତ ଏକ ହିନ୍ଦୁ ପର୍ବ । ଯାହା ବସନ୍ତ ଋତୁର ଫାଲଗୁନ ମାସ ପୂର୍ଣ୍ଣମୀ ତିଥିରେ ପାଳନ କରାଯାଇଥାଏ । ଦୋଳଯାତ ଶ୍ରୀକୃଷ୍ଣଙ୍କ ଗୋପଲୀଳାର ନିଦ୍ଦର୍ଶନ। ଏଥିରେ ରାଧା ଦାମୋଦରଙ୍କର ଗୋପ ଗୋପୀମାନଙ୍କ ସହିତ ରଙ୍ଗ ପିଚକାରୀ ଖେଳ ଶ୍ରୀମଦ୍ ଭାଗବତ ବର୍ଣ୍ଣିତ ରାସଲୀଳାର ସ୍ମୃତି ବହନ କରିଥାଏ । ଏହା ସାରା ଭାରତର ଅତି ଲୋକପ୍ରିୟ ପର୍ବ ଭିତରୁ ଅନ୍ୟତମ । ବସନ୍ତ ଋତୁରେ ଏଇ ଖେଳକୁ ଭାଷା, ବର୍ଣ୍ଣ, ଲିଙ୍ଗ, ପ୍ରାନ୍ତ, ଧର୍ମ ନିର୍ବିଶେଷରେ ସମସ୍ତେ ଉପଭୋଗ କରିଥାନ୍ତି । ଏଇ ପର୍ବରେ ଲୋକମାନେ ରାଧା ଦାମୋଦରଙ୍କୁ ସୁସଜ୍ଜିତ ବିମାନରେ ବସାଇ ଘରକୁ ଘର ବୁଲାଇଥାନ୍ତି । ଫଗୁ ପୁନେଇଁଦିନ ସବୁ ବିମାନଙ୍କୁ ଦୋଳ ମଣ୍ଡପରେ ବସାଇ ପାଞ୍ଚଦିନ ବ୍ୟାପି ପୂଜାର୍ଚ୍ଚନା କରାଯାଏ । ଏଇ ପାଞ୍ଚଦିନ କାଳ ନାନାଦି ମନୋରଞ୍ଜନ ମୂଳକ କାର୍ଯ୍ୟକ୍ରମ ଯଥା ବାଦିପାଲା, ଯାତ୍ରା ଆଦି ଲାଗିରହେ । ପୁନେଇଁ ଦିନ ବିଭିନ୍ନ ଗ୍ରାମରୁ ଆସିଥିବା ବିମାନମାନଙ୍କର ମନୋରମ ଶୋଭାଯାତ୍ରାକୁ ମେଲଣ କୁହାଯାଏ । ଏହାର ପରଦିନ ରଙ୍ଗଖେଳ ହୋଇଥାଏ । ଏଇ ଖେଳ ଏତେ ଲୋକପ୍ରିୟ ଯେ ବିଦେଶରୁ ଆସିଥିବା ପର୍ଯ୍ୟଟକମାନେ ମଧ ଏହାର ଆନନ୍ଦ ନେଇଥାନ୍ତି । ଭାରତର ଅଧିକାଂଶ ସ୍ଥାନରେ ହୋଲି ଉତ୍ସବ ବା ରଙ୍ଗ ଉତ୍ସବକୁ ଅତ୍ୟନ୍ତ ଧୁମଧାମରେ ପାଳନ କରାଯାଏ। ବିଶେଷକରି ରଙ୍ଗ ଭାଙ୍ଗ ଏବଂ ସାଙ୍ଗର ସମ୍ମିଶ୍ରଣ ଘଟେ ଏହି ଉତ୍ସବରେ। ତେବେ ହୋଲି ପୂର୍ବଦିନ ରାତିରେ ବିଭିନ୍ନ ସ୍ଥାନରେ ଆୟୋଜିତ ହୁଏ ହୋଲିକା ଦହନ ଉତ୍ସବ। ବିଶେଷ କରି ଉତ୍ତର ଭାରତରେ ଏହି ପର୍ବ ଧୂମଧାମରେ ପାଳନ କରାଯାଇଥାଏ । ରାତିରେ ଶୁଖିଲା କାଠ, ଘସିରେ ଅଗ୍ନି ସଂଯୋଗ କରି ହୋଲିକା ରାକ୍ଷସୀର ପ୍ରତୀକାତ୍ମକ ଦହନ କରାଯାଏ । ଆଜି ବି ଦୋଳପୂର୍ଣ୍ଣିମା ପୂର୍ବରାତିରେ ଦୁଷ୍ପ୍ରବୃତ୍ତି, ଅଶ୍ଳୀଳତା ଓ ଦୁରାଚାରର ଅନ୍ତ ପାଇଁ ପାଳିତ ହୁଏ ହୋଲିକା ଦହନ। ଏହିଦିନ ଉତ୍ତର ଭାରତୀୟମାନେ କେତେକ ସ୍ଥାନରେ ଅଗ୍ନିଙ୍କୁ ପ୍ରଥମ ନବାନ୍ନ ଅର୍ପଣ କରି ତା ପରେ ଅବଶିଷ୍ଟ ଅନ୍ନକୁ ପ୍ରସାଦ ରୂପରେ ଗ୍ରହଣ କରିବା ପରମ୍ପରା ବି ରହିଛି । ସବୁଥର ପରି ଏଥର ବି ଆସିଛି ରଂଗର ପର୍ବ ହୋଲି । ବସନ୍ତର ମୃଦୁ ମଳୟରେ ରଂଗ ଅବିରରେ ରଙ୍ଗେଇ ହୋଇ ସମସ୍ତଙ୍କୁ ପ୍ରେମର ଫାସରେ ଆବଦ୍ଧ କରିବାର ପର୍ବ ହୋଲି । ଇନ୍ଦ୍ରଧନୁର ସାତ ରଂଗପରି ଜୀବନରେ ଅନେକ ରଂଗ ଭରି ରହିଛି । ହୋଲି ପର୍ବ ଜୀବନର ସେହିସବୁ ରଂଗକୁ ମନେ ପକାଇଦିଏ । ଦୋଳ ସହିତ ବିଭିନ୍ନ ପୁରାଣର କାହାଣୀ ସଂଯୁକ୍ତ ହୋଇ ରହିଛି । ଗୋଟିଏ ପଟେ ରାଧା-କୃଷ୍ଣ ପ୍ରେମ ଗାଥାର ଭବ୍ୟ ଉତ୍ତାଳ ଉତ୍ତରଣ ଓ ଅନ୍ୟ ପକ୍ଷରେ ଅନ୍ୟାନ୍ୟ ପୌରାଣିକ ଆଖ୍ୟାନର ଗୁମ୍ଫନ । ରଙ୍ଗର ରଙ୍ଗୀନ ଖେଳ ଓ ହୋଲିକା ଦହନର ଅଗ୍ନି ଔଜ୍ଜଲ୍ୟ ଏ ଉଭୟ ଦୁଷ୍ଟ ଶକ୍ତି ଉପରେ ଶୁଭଙ୍କର ପ୍ରତୀକର ବିଜୟକୁ ଏହି ପର୍ବ ସହିତ ସମ୍ମିଳିତ କରି ରଖିଛି । ଶ୍ରୀରାଧା - ଶ୍ରୀକୃଷ୍ଣଙ୍କ ପ୍ରେମପ୍ରଣୟର ଲୀଳା, ଦୋଳ ଓ ରଙ୍ଗର ଖେଳ ବ୍ୟତୀତ ଅନ୍ୟଯେଉଁ ସବୁ ଆଖ୍ୟାନ ଉପାଖ୍ୟାନ ଏହି ଦୋଳ-ହୋଲି ଯୁଗ୍ମପର୍ବ ଦିବସ ସହିତ ସଂପୃକ୍ତ । ପୁଣି କେତେକଙ୍କ ମତରେ ପ୍ରବଳ ପରାକ୍ରମୀ ରାକ୍ଷସ ମେର୍ଦ୍ଧାସୁରର ମୃତ୍ୟୁର ଭଗବାନ କାରଣ ହୋଇ ପୃଥିବୀରୁ ପାପର ମାତ୍ରା ହ୍ରାସ କରିଥିବା ଯୋଗୁଁ ଏହିପର୍ବ ଆୟୋଜିତ ହୋଇଥିଲା । ହୋଲିର ଗୋଟିଏ ଦିନ ପୂର୍ବରୁ ହୋଲିକା ଦହନ କରାଯାଇଥାଏ । ତେବେ ହୋଲିକା ଦହନର ଗୋଟିଏ ପୌରାଣିକ କାରଣ ଥିବା ବେଳେ ଡାକ୍ତରଙ୍କ ରାୟ କିନ୍ତୁ ଭିନ୍ନ । ଡାକ୍ତରଙ୍କ କହିବା କଥା ଯେ ହୋଲିକା ଦହନର ଚାରିପଟେ ପରିକ୍ରମା କରିବା ଦ୍ୱାରା ଆମ ଚାରିପାଖରେ ଥିବା ବ୍ୟାକ୍ଟେରିଆ ଠାରୁ ମୁକ୍ତି ମିଳିଥାଏ । ଅଗ୍ନି ଦ୍ୱାରା ବ୍ୟାକ୍ଟେରିଆ ନଷ୍ଟ ହୋଇ ଯାଇଥାଏ । ଫାଲଗୁନ୍ ମାସ ପୂର୍ଣ୍ଣିମାରେ ହୋଲିର ପର୍ବ ସାରା ଦେଶରେ ଧୁମଧାମ୍ ରେ ପାଳନ କରାଯାଏ। ଏହି ଦିନ ପ୍ରତ୍ୟେକ ପରସ୍ପର ମଧ୍ୟରେ ଥିବା ମତଭେଦକୁ ଦୂର କରି ଥାଆନ୍ତି। ଏହାସହ ରଙ୍ଗ ଲଗାଇ ଏହି ପର୍ବ୍ଵ ପାଳନ କରିଥାଆନ୍ତି ।

+ନୟାଗଡ଼
ମୋ: ୯୪୩୭୯୮୫୮୬୬

## ରଙ୍ଗ

ସ୍ମିତା ପଣ୍ଡା

ରଙ୍ଗ ଭରା ଆଉ କିଛି
ରଙ୍ଗ ଥାଆନ୍ତା କି !
ବଦଳେଇ ଥାଆନ୍ତି
ହଜି ଯାଇଥିବା
ଅଧା ଆକାଶର ରଙ୍ଗ,
ଧୂଳି ଭରା
ପତ୍ରମାନଙ୍କର ରଙ୍ଗ ।

ରକ୍ତର ଛିଟା
ଲାଲ୍ ନହୋଇ
ହୋଇଥାନ୍ତା ଆଉକିଛି
ବଦଳେଇ ଥାଆନ୍ତି
ହିଂସାରେ ଜଳୁଥିବା
ଅଧା ପୃଥିବୀର ରଙ୍ଗ ବି ।

ଖାସ୍ ଗୋଟେ ରଙ୍ଗ
ଢାଳି ଥାଆନ୍ତି
ବଦନାମ୍ ଅନ୍ଧାର ଉପରେ
ପ୍ରତୀକ୍ଷା ଥାଆନ୍ତା
ବାରମ୍ବାର ଫେରିବାକୁ
ପୁଣି ତା'ରି ଭିତରେ ।

ସବୁ ମଣିଷଙ୍କୁ
ଦେଇଥାନ୍ତି ଗୋଟିଏ ରଙ୍ଗ
ଆଉ ସ୍ୱପ୍ନ ସବୁକୁ
ସଜେଇ ଥାଆନ୍ତି
ଭିନ୍ନଭିନ୍ନ ରଙ୍ଗରେ
ଲୁହ କିନ୍ତୁ ଯେମିତି,
ସେମିତି ଥାଆନ୍ତା
ବର୍ଷାର ବିନ୍ଦୁ ବି
ଆଉ କିଛି ବି
ରଙ୍ଗ ଛୁଇଁ ନଥାନ୍ତା
'ଡୋଡୋ' ପରି
ନିରୀହ ପକ୍ଷୀର ଉପରେ।



+ ନରସିଂହପୁର ,କଟକ
ଫୋନ୍୭୦୦୮୨୪୩୬୭୨

## ରଙ୍ଗ

ଜଗଦୀଶ ସାହୁ

(ଏକ )
ଫଗୁଣ ଆସିଛି ଫଗୁରଙ୍ଗ ନେଇ
ହୋଲିଖେଳି ଚାଲିଯିବ
ତମେ ଯେଉଁରଙ୍ଗ ବୋଳିଲ
ମୋ'ଦେହେ
ତାକୁ କିଏ ଲିଭେଇବ !!

(ଦୁଇ )
ରଙ୍ଗ ରଙ୍ଗିଆ ଆମ ଏ ଧରା
ଭାରି ସୁନ୍ଦର ଦିଶେ
ଲିମ୍ବଗଛରେ ଫୁଲ ଫୁଟିଲେ
ଚଇତ ମାସ ହସେ !!

(ତିନି )
ହୋଲି ଖେଳିବାକୁ ରଙ୍ଗ କିଣିଥିଲି
ଯାଇ ମୁଁ ଭୁବନେଶ୍ୱର
ରଙ୍ଗ ଦିବସରେ ରଙ୍ଗ ବଦଳେଇ
କରି ମୋତେ ସାତପର
ପ୍ରିୟା ଚାଲିଗଲା ମୋର
ଫୋଅନକୁ ତାର ଫୋନ
ଲଗେଇଲେ
କହୁଛି ରଙ୍ଗ ନମ୍ବର !!



ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

# ରଙ୍ଗର ପର୍ବ ହୋଲି

କାଳି ଦାସ



ପର୍ବ ପର୍ବାଣି ଆମ ଜୀବନ ରେ ଆନନ୍ଦ ଭରି ଦେଇଥାନ୍ତି । ଭାରତରେ ବାର ମାସରେ ତେର ପର୍ବ ପାଳନ କରା ଯାଇଥାଏ । ଋତୁ ଚକ୍ରର ପରିବର୍ତ୍ତନକୁ ନେଇ ଆମେ ଅଲଗା ଅଲଗା ପର୍ବ ପାଳନ କରିଥାଉ । ପ୍ରତ୍ୟେକ ପର୍ବର କିଛି ନା କିଛି ମହତ୍ୱ ରହିଛି । ରଙ୍ଗର ପର୍ବ ହୋଲି ଫାଲଗୁନ ମାସର ଶେଷ ଓ ଚୈତ୍ର ମାସର ଆରମ୍ଭ ରେ ପାଳନ କରା ଯାଇଥାଏ । ଏହି ସମୟରେ ଶିତ ଛାଡିଆସିଥାଏ ଏବଂ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ । ଫାଲଗୁନ ପୂର୍ଣ୍ଣିମାକୁ ଆମେ ଦୋଳ ପୂର୍ଣ୍ଣିମା କହୁ । ଏହି ଦିନ ରାଧାକୃଷ୍ଣଙ୍କ ବିଗ୍ରହକୁ ଅଭିର ଦ୍ୱାରା ସଜା ଯାଏ ଏବଂ ପୂଜା ଅର୍ଚ୍ଚନା କରାଯାଏ । ଦୋଳ ପୂର୍ଣ୍ଣିମାର ପର ଦିନ ଆମେ ହୋଲି ଖେଳି ଥାଉ । ଦୋଳ ପୂର୍ଣ୍ଣିମା ରାତିରେ ଅନେକ ସ୍ଥାନରେ ହୋଲି ଦହନ କରାଯାଏ । ହୋଲିକା ରାକ୍ଷାସୀର ଦହନକୁ ମନେ ପକାଇ ହୋଲି ଦହନ କରାଯାଏ । ମଣିଷ ଭିତରେ ଥିବା ରାକ୍ଷାସ ପ୍ରବୃତ୍ତିକୁ ହୋଲି ଦହନ ସହିତ ସତେ ଯେମିତି ଦହନ କରାଯାଇଥାଏ । ହୋଲି ହେଲା ଆସତ୍ୟ ଉପରେ ସତ୍ୟର ବିଜୟ ଓ ରାକ୍ଷାସ ପ୍ରବୃତ୍ତି ଉପରେ ଦେବତ୍ୱର ବିଜୟର ପର୍ବ ।

ହୋଲିକା ରାକ୍ଷାସି ହିରଣ୍ୟକାଶ୍ୟପର ଭଉଣୀ ଥିଲା । ହୋଲିକାକୁ ବ୍ରହ୍ମାଙ୍କଠାରୁ ବର ମିଳିଥିଲା ଯେ ସିଏ ନିଆଁ ରେ ପୋଡିବନାହି । ଏହି ବର ପ୍ରଭାବ ରେ ସିଏ ପ୍ରହ୍ଲାଦକୁ କୋଳ କରି ନିଆଁରେ ପ୍ରବେଶ କରିଥିଲା, ଭାବି ଥିଲା ପ୍ରହ୍ଲାଦ ଜଳିଯିବ ଏବଂ ସିଏ ବଞ୍ଚିଯିବ କିନ୍ତୁ ହୋଲିକା ଜଳିଯାଇଥିଲା ଆଉ ପ୍ରହ୍ଲାଦ ବଞ୍ଚିଯାଇଥିଲା । ହୋଲିକା ରାକ୍ଷସ ପ୍ରବୃତ୍ତିକୁ ପ୍ରତିନିଧିତ୍ୱ କରେ ପ୍ରହ୍ଲାଦ ଦେବତ୍ୱର ପ୍ରତିନିଧିତ୍ୱ କରନ୍ତି ।

ହୋଲିରେ ଆମେ ବସନ୍ତର ଆଗମନକୁ ରଙ୍ଗ ସହିତ ସ୍ୱାଗତ କରିଥାଉ । ଏହା ବନ୍ଧୁ ମିଳନର ପର୍ବ । ହାତ ରେ ଅଭୀର ଧରି ଓ ରଙ୍ଗର ପିଚକାରୀ ଧରି ଆମେ ବନ୍ଧୁ ଓ ଆତ୍ମୀୟଙ୍କୁ ସ୍ୱାଗତ କରିଥାଉ । ହୋଲି ଆମ ସାହିତ୍ୟ, ସଙ୍ଗୀତ ଓ ନୃତ୍ୟ ଉପରେ ବେସ ପ୍ରଭାବ ପକାଇଛି ।

ଗତ ଦୁଇ ବର୍ଷ ହେବ କୋରୋନା ଭୂତାଣୁ ତାର କାୟା ବିସ୍ତାର କରିଛି ଏବଂ ରାଜ୍ୟରେ ପାଖା ପାଖି ୮୫୦୦ ଉପରେ ଲୋକ ନିଜ ପ୍ରାଣ ହରେଇ ସାରିଲେଣି ତେଣୁ ଏହି ବର୍ଷ ରଙ୍ଗର ପର୍ବ ହୋଲି କେମିତି ଖେଳା ଯିବ ତାକୁ ଧରି ପ୍ରଶ୍ନ ଉଠିଛି । ଗତ ୨୦୨୦ ଓ ୨୦୨୧ ରେ କୋରୋନା ତାର କାୟା ବିସ୍ତାର କରିଥିଲା ଯାହା ପାଇଁ ରାଜ୍ୟ ସରକାର ହୋଲି ଖେଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଥିଲେ କାରଣ ଯଦି ହୋଲି ପର୍ବ ପାଳନ କରାଯାଏ ତାହେଲେ କୋଭିଡ ନିୟମ ଉଲଂଘନ ହେବ, କୋରୋନାର ସଂକ୍ରମଣ ବଢିବ ଏବଂ ଅନେକ ଲୋକ ନିଜ ପ୍ରାଣ ହରାଇବେ ।

ହୋଲି ହେଲା ରଙ୍ଗର ପର୍ବ ଏବଂ ଭାଇଚାରା ର ପର୍ବ। ହୋଲି ଦିନ ବିଭିର୍ନ୍ନ ରାଜନୈତିକ ଦଳ ଏବଂ ଭାରତର ସାଧାରଣ ଜନତା ମହାସମାରୋହ ରେ ରଙ୍ଗ ର ପର୍ବ ହୋଲି ପାଳନ କରନ୍ତି । ଭାରତରେ ବିଭିର୍ନ୍ନ ସ୍ଥାନ ଭିବିର୍ନ୍ନ ପ୍ରକାର ହୋଲି ଖେଳାଯାଏ । ବୃନ୍ଦାବନରେ ଫୁଲାନବାଲି ହୋଲି ଖେଳା ଯାଏ, ଫାଲଗୁନ ଏକାଦଶୀ ଦିନ ବାଙ୍କବିହାରୀ ମନ୍ଦିରରେ ଏହି ହୋଲି ଖେଳା ଯାଇଥାଏ । ଅନେକ ଜାଗାରେ ଲାଠୋମାର ହୋଲି ଦେଖିବାକୁ ମିଳିଥାଏ । ଲାଠୋମାର ହୋଲି ଲାଠି ଦ୍ୱାର ଖେଳା ଯାଏ । ଏହା ମୁଖ୍ୟତଃ ବରସାନା ଓ ନନ୍ଦଗାଁ ରେ ଖେଳା ଯାଏ। ଲାଠୋମାର ହୋଲି ରେ ମହିଳା ମାନେ ଲାଠି ଧରି ପୁରୁଷ ମାନଙ୍କୁ ଆକ୍ରମଣ କରିଥାନ୍ତି ଏବଂ ପୁରୁଷମାନେ ନିଜକୁ ମାଡରୁ ବଞ୍ଚାଇଥାନ୍ତି । ଏହା ବେସ ରୋମାଞ୍ଚକର ଖେଳ ହୋଇଥାଏ । ଏହି ଦୁଇଟି ଗାଁ ରାଧା ଓ କୃଷ୍ଣଙ୍କ ଗାଁ ଭାବେ ପ୍ରସିଦ୍ଧ ତେଣୁ ଏଠାର ହୋଲି ସବୁଠାରୁ ନିଆରା । ନନ୍ଦଗାଁର ପୁରୁଷ ମାନେ ଏବଂ ବରସାନେର ମହିଳାମାନେ ଏହି ପର୍ବରେ ଭାଗ ନେଇଥାନ୍ତି । ନନ୍ଦଗାଁର ପୁରୁଷ ମାନଙ୍କୁ ବରସାନେର ମହିଳାଙ୍କର ମାଡରୁ ନିଜକୁ ରକ୍ଷା କରି ବରସାନେର ମହିଳାମାନଙ୍କୁ ରଙ୍ଗ ଲଗେଇବାକୁ ପଡିଥାଏ । ହୋଲିରେ ଥଣ୍ଡା ପାନୀୟ ଜଳ, ସର୍ବତ ଲୋକେ ପିଇଥାନ୍ତି କିନ୍ତୁ ବେଳେ ବେଳେ ଭାଙ୍ଗ ପି ଲୋକେ ଉନ୍ମତ ହୋଇଯାଇଥାନ୍ତି । ହୋଲି ଦିନ ଅନେକ ସ୍ଥାନରେ ଦୁର୍ଘଟଣା ଘଟିଥାଏ, ଦୁର୍ଘଟଣାରୁ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଜିଲ୍ଲା ପୁଲିସ ତରଫରୁ ଅନେକ କଟକଣା କରାଯାଇଥାଏ ଏବଂ ବିଭିର୍ନ୍ନ ପଦକ୍ଷେପ ନିଆଯାଇଥାଏ ।

ଦକ୍ଷିଣ ଭାରତରେ ହୋଲି ପର୍ବ ଦେଖିବାକୁ ମିଳେନାହି । ହୋଲି ମୁଖ୍ୟତଃ ଉତ୍ତର ଭାରତ, ପୂର୍ବ ଭାରତ ଓ ପଶ୍ଚିମ ଭାରତର ପର୍ବ । ହୋଲିରେ ଶିକ୍ଷା ଅନୁଷ୍ଠାନ, ଅଫିସ ଓ ଅନ୍ୟ ଅନୁଷ୍ଠାନ ଗୁଡିକ ରେ ଛୁଟି ହୋଇଥାଏ ତେଣୁ ଲୋକେ ହୋଲି ର ଆନନ୍ଦ ବେସ ଉପୋଭୋଗ କରିଥାନ୍ତି । ହୋଲିକୁ ବିଭିନ୍ନ ସଂପ୍ରଦାୟ ର ଲୋକ ମାନେ ପାଳନ କରିଥାନ୍ତି। ମୁଖ୍ୟତଃ ହିନ୍ଦୁ , ଶିଖ, ବୁଦ୍ଧ ଓ ଜୈନ ଧର୍ମର ଲୋକ ମାନେ ପାଳନ କରିଥାନ୍ତି । ହୋଲିର ଶୁଭ ଅଭିନନ୍ଦନ ସାଧାରଣ ଜନତାଙ୍କୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ଦିଆଯାଇଥାଏ। କେମିକାଲ ରଙ୍ଗ, ହୋଲିର ଆନନ୍ଦକୁ ଫିକା କରିଦିଏ ତେଣୁ ସବୁବେଳେ କେମିକେଲ ରଙ୍ଗଠାରୁ ଦୂରେଇ ରହିବାପାଇଁ ସଚେତନ କରାଯାଇଥାଏ ।

+ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯

# ରଙ୍ଗମୟ ଜୀବନ ଦୋଳ

ଅକ୍ଷୟ କୁମାର ରାଉତ



ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି। ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ କବି କଣ୍ଠରେ ଜୟ ଜୟକାର ଯୁଗେ ଯୁଗେ ରହିଛି। ଆମ୍ବ ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର। ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆମ୍ଭେ ପାଳନକରୁ। ଝୁଲଣ ଯାତ, ମକର ଯାତ, ପଣାଯାତ, ରଥଯାତ, ଚଇତି ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ ଭାଗରେ ପାଳନ ହୁଏ। ବର୍ଣ୍ଣାଢ଼୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଲଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ। ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଂଚ ଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଂଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ।

ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା। ରାଧାଙ୍କ ରୋଗ ଉପଶମ ବ୍ରହ୍ମ ଦୈତ୍ୟଙ୍କୁ ବନ୍ଦି କରିବା ଏକ ନାଟକୀୟ ପରିକଳ୍ପନା। ଚନ୍ଦ୍ରସେଣା ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଉପାଖ୍ୟାନ ଏକ କାରଣ, ଅନ୍ୟ ଦିଗଟି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେତ୍ର ନାମକ ରାକ୍ଷସକୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ। ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ। ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି।

ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବାଦେବୀମାନେ ମଧ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାଚେରୀ' ଖେଳିଥିଲେ। ସେମାନଙ୍କ ମନ ପ୍ରାଣରେ ଅସରନ୍ତି ପୁଲକ, ଉଦ୍ଦୀପନା ନେଇ 'ଝୁଲାଅ ଗୋ ଝୁଲଣ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଉଥିଲେ।

ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ ବସ୍ତ୍ରାଦିରେ ନାନାଜାତି ଫୁଲ ମାଳରେ ଦୋଳି ସଦୃଶ ମଣ୍ଡନ କରାଯାଏ। ଉଦ୍ଦିଷ୍ଟ ଦେବାଦେବୀମାନଙ୍କ ଚଳନ୍ତି ପ୍ରତିମା ଖଟୁଲିରେ ରଖି ବିମାନରେ ସ୍ଥାପନ କରାଯାଏ। ଘଂଟ ଘଂଟା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଟମକ ଇତ୍ୟାଦି ବଜାଇ ଆଲଟ ଚାମର ପରେ ଏକ ସ୍ୱତନ୍ତ୍ର ପଟୁଆରରେ ଦେବାଦେବୀଙ୍କୁ ଦୋଳ ମଣ୍ଡପକୁ ନେଇଥାନ୍ତି। ସାକର, ଚଣା, ଆମ୍ବ, ମିଷ୍ଟ ପଦାର୍ଥ ଆଦି ଭୋଗ ଲାଗି ଦେବାପରେ ଧୂପ ଦୀପ ଦେଇ ଦୋଳକୁ ଝୁଲାଯାଏ। ବିମାନରେ ଉପବିଷ୍ଟ ଦେବତାମାନେ ଗ୍ରାମ ଦାଣ୍ଡରେ ଯାତ୍ରା କରି, ପ୍ରତି ଦ୍ୱାରରେ ଲୋକମାନଙ୍କ ଠାରୁ ଭୋଗ ଓ ନୈବେଦ୍ୟ ଗ୍ରହଣ କରିଥାଆନ୍ତି। ଏହି ଭୋଗଖିଆରୁ ଜଣାପଡେ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ବିଦ୍ୟମାନ। ମଣିଷ ସିନା ଦେବତା ପାଖକୁ ଯାଏ, ଦେବତା ମଧ ମଣିଷ ପାଖକୁ ଆସେ। ଦେବତା ଓ ମନୁଷ୍ୟର ମିଳନ ଦୋଳ ଉତ୍ସବରୁ ମିଳେ।

ଶ୍ରୀଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ଯଥା ରୀତିରେ ପାଳିତ ହୁଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନ ଇତ୍ୟାଦି ପଂଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇଥାଆନ୍ତି। ଶ୍ରୀ ଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ଦୋଳ ମଣ୍ଡପରେ ଦୋଳବିମାନରେ ୭ ଥର କରି ଏକୋଇଶ ବାର ବୁଲାଯାଏ। ଚତୁର୍ଦ୍ଦଶୀ ରାତିରେ ବହ୍ନି ଉତ୍ସବ ପାଳିତ ହୁଏ। ଏହି ଦୋଳ ଉତ୍ସବ ଫଲଗୁ ଉତ୍ସବ ଭାବେ ପାଳନ କରାଯାଏ।

ଫଗୁ ଜୀବନକୁ କରେ ରଙ୍ଗମୟ, ରଙ୍ଗାୟତ ଜୀବନରେ ବହୁଗୁଣ ନେଇ ବହୁ ରଙ୍ଗନେଇ ସୃଷ୍ଟି ହୁଏ ଅନେକ ରଙ୍ଗ। ଧଳାରଙ୍ଗ ଶାନ୍ତି ଓ କ୍ଷମାର ପ୍ରତୀକ ଦେବାବେଳେ ନାଲି ରଙ୍ଗ ଏକ ନୂତନ ସୂର୍ଯ୍ୟର ଆଭାସ୍, ପ୍ରେମ, ପ୍ରେରଣାର ସୌଭାଗ୍ୟ ସନ୍ତକ ହୋଇଥାଏ। ଗୋଲାପି ରଙ୍ଗ ବିଶ୍ୱ ଭ୍ରାତୃତ୍ୱକୁ ବାନ୍ଧି ଅବସାଦରୁ ମୁକ୍ତ କରିଥାଏ। ହଳଦୀ ରଙ୍ଗ ଅତି ସୁଖଦାୟୀ ଓ ମଣିଷର ମସ୍ତିଷ୍କକୁ ଅଧିକ ସକ୍ରିୟ କରିଥାଏ। ସବୁଜ ରଙ୍ଗ ଉନ୍ନତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ। ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ୱକୁ ପ୍ରତିପାଦିତ କରେ। ସ୍ୱପ୍ନର ରଙ୍ଗ ସୁନେଲି ଆଧ୍ୟାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ। ବାଇଗଣି ରଙ୍ଗ ବିଜୟର ବାର୍ତ୍ତାବହ। ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଟୋପା ପିନ୍ଧିଲେ ସମସ୍ତଙ୍କ କୁ ଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ।

ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ସ୍ୱତନ୍ତ୍ରତା ରଖିଥାଏ। ରାସାୟନିକ ତଥା ଉତ୍କଟ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ। ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳଠାରୁ ଦୂରେଇ ରଖିବା ଉଚିତ୍।

ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ। ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି। ଅଂଟାରେ କାଛଟା ବାନ୍ଧି, ହାତରେ ଲମ୍ବା ବାଡି ଧରି ମୁଣ୍ଡରେ ଜାମୁଡାଳ ଖୋସି ଖେଳ ଖେଳନ୍ତି। ବଂଶୀ ଓ ଶିଙ୍ଗା ନାଦ କରି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି। ଏହି ପର୍ବ ସହୃଦୟତା ଓ ଭାତୃତ୍ୱର ବନ୍ଧନକୁ ନିବିଡ଼ କରେ। ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ।

+ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜଗତର କଲ୍ୟାଣ...

ଅଧ୍ୟକ୍ଷତା କରିବା କୌଣସି ସହଜ କାମ ନୁହେଁ- ତାହା କୌଣସି ଏକ ସଂଗଠନର ହେଉ କି ଗୋଷ୍ଠୀର ଅଥବା ଯେ କୌଣସି ସଭା ସମିତିର। ଭାରତ ଉପରେ ସମ୍ପ୍ରତି ଜି୨୦ର ଅଧ୍ୟକ୍ଷତା ଦାୟିତ୍ୱ ନ୍ୟସ୍ତ। ଏହି ପଦଭାର ରହିଥିବା ପର୍ଯ୍ୟନ୍ତ ଭାରତକୁ ଅନେକଗୁଡ଼ିଏ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରି ବିଶ୍ୱ ବକ୍ଷରେ ନିଜର ନେତୃତ୍ୱକୁ ସାବ୍ୟସ୍ତ କରିବାକୁ ହେବ। ନିକଟରେ ଏହି କ୍ରମରେ ଭାରତରେ ସମ୍ପନ୍ନ ହୋଇଯାଇଛି ଦୁଇଗୋଟି ପ୍ରମୁଖ ଜି ୨୦ ମନ୍ତ୍ରୀସ୍ତରୀୟ ବୈଠକ। ଗୋଟିଏ ହେଉଛି ବେଙ୍ଗାଲୁରୁଠାରେ ଶେଷ ହୋଇଥିବା ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗର୍ଭର୍ଣ୍ଣର ମାନଙ୍କ ବୈଠକ ଏବଂ ଅନ୍ୟଟି ଦିଲ୍ଲୀଠାରେ ଅନୁଷ୍ଠିତ ବିଦେଶ ମନ୍ତ୍ରୀମାନଙ୍କ ବୈଠକ ଯେଉଁଥିରେ ୟୁକ୍ରେନ୍ ଯୁଦ୍ଧ ଉପରେ କୌଣସି ପ୍ରକାରର ସହମତି ସୃଷ୍ଟି ହୋଇପାରି ନାହିଁ। ବର୍ତ୍ତମାନର ସମୟରେ ବିଶ୍ୱ ଏମିତି ଗଭୀର ଭାବରେ ଧ୍ରୁବୀକୃତ ହୋଇସାରିଛି ଯେ ଏ ଦୁଇଟିଯାକ ବୈଠକର ଶେଷରେ କୌଣସି ପ୍ରକାରର ମିଳିତ ବିବୃତି ଜାରି ହୋଇପାରିନାହିଁ। ଏକ ଉଲ୍ଲେଖନୀୟ ଆବର୍ତ୍ତକ୍ରମରେ ଜି ୨୦ର ଅଧ୍ୟକ୍ଷତା ଭାର ଭାରତକୁ ମିଳିବାପରେ ଏହା ଯେଭଳି ଭାବରେ ଉପଯୁକ୍ତ ସମ୍ମାନର ଅଧିକାରୀ ହୋଇପାରିଛି ଏବଂ ବିଶ୍ୱର 'ଦକ୍ଷିଣ' ଭାଗର ରାଷ୍ଟ୍ରମାନଙ୍କ ସମସ୍ୟାକୁ ସର୍ବାଗ୍ରେ ସ୍ଥାନ ଦେବ ବୋଲି ଭାବୁଥିଲା, ସେଥିପାଇଁ ନେତୃତ୍ୱ ପ୍ରଦାନକାରୀ ଅର୍ଥନୀତିମାନଙ୍କୁ ରାଜି କରାଇବା କେତେ କଷ୍ଟକର ହେବ, ତାହା ଜାଣିପାରି ଯଥାର୍ଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାର୍ଶନିକଙ୍କ ଭଳି ଗାନ୍ଧୀ ଏବଂ ବୁଦ୍ଧଙ୍କ ଦେଶରେ ଏହା କରିବା ନେଇ ଯାହା କହିଥିଲେ, 'ଯେତିକି ଆମେ ସମାଧାନ କରିପାରିବୁ, ତା'ର ପଥରେ ଯେତିକି ଏକାଠି ମିଳିମିଶି ସମାଧାନ କରାଯାଇପାରିବ ନାହିଁକୁ ଆସିବାକୁ ଦିଆଯିବ ନାହିଁ' ସମ୍ପ୍ରତି ସତ୍ୟ ସାବ୍ୟସ୍ତ ହୋଇଛି। ଏମିତିକି ମାତ୍ର ଛଅ ମାସ ପୂର୍ବେ ବାଲିଠାରେ ଜି ୨୦ ରୁଷିଆର ଭ୍ଲାଦିମିର ପୁଟିନଙ୍କ ଦ୍ୱାରା ୟୁକ୍ରେନ୍ ଉପରେ ଲଦି ଦିଆଯାଇଥିବା ଯୁଦ୍ଧ ଏବଂ ୟୁରୋପୀୟ ମହାଦେଶର ସଂକଟକୁ ଅନୁଭବ କରାଯାଇଥିଲା। ଭାରତରେ ମଧ୍ୟ ରୁଷିଆ ଓ ଚୀନ୍ ଯୁଦ୍ଧ ଶବ୍ଦକୁ ନେଇ ନିକଟରେ କିଛି କିଛି ଆଲୋଚନା କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା-ନେତୃତ୍ୱାଧୀନ ପାଶ୍ଚାତ୍ୟ ରାଷ୍ଟ୍ରମାନେ ୟୁକ୍ରେନକୁ ସାହାଯ୍ୟ କରିବାକୁ ଯାଇ ଅସ୍ତ୍ରଶସ୍ତ୍ରଠାରୁ ଆରମ୍ଭ କରି ଆର୍ଥିକ ସହାୟତା ଯୋଗାଇବା ଫଳରେ ଏହି ବିଶ୍ୱର ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ଫାଟ ଏତେ ବଢ଼ି ଯାଇଛି ଯେ ସମ୍ପ୍ରତି ଏହା ପ୍ରାଚ୍ୟ ବନାମ ପାଶ୍ଚାତ୍ୟ ଆରୋପ ପ୍ରତ୍ୟାରୋପ ଖେଳରେ ପରିଣତ ହୋଇଛି। ଏହା ଅତ୍ୟନ୍ତ ନିରାଶଜନକ, କାରଣ ଯୁଦ୍ଧର ପରିସମାପ୍ତି ପାଇଁ କୌଣସି ପଥ ବାହାର କରିବାରେ ଜି୨୦ ବୈଠକଗୁଡ଼ିକ ସକ୍ଷମ ହୋଇପାରୁନାହିଁ, ଯାହା ସୁଯୋଗକୁ ହାତଛଡ଼ା କରିବା ଭଳି ହେଉଛି। ଅନ୍ୟଭାବରେ ଜି୨୦ ଯେଉଁସବୁ ସୁଯୋଗ ପ୍ରଦାନ କରିଥିଲା, ସେଥି ମଧ୍ୟରୁ ଅନ୍ତର୍ଭୁକ୍ତ ଥିଲା- ଯୁକ୍ତରାଷ୍ଟ୍ର ଆମେରିକାର ଆଣ୍ଟୋନୀ ବ୍ଲିଙ୍କେନ୍ ଏବଂ ରୁଷିଆର ସର୍ଗେଇ ଲାଭରୋଭଙ୍କ ମଧ୍ୟରେ ଏକ ଦୁର୍ଲଭ ସାମନା ସାମନି ବ୍ୟକ୍ତିଗତ ବୈଠକ, ଯାହା ଅବଶ୍ୟ ଉଲ୍ଲେଖନୀୟ। ଏହାର କାରଣ, କିଛି ନହେଲେ ବି ଏତିକି ଅନ୍ତତଃ ସାନ୍ତ୍ୱନାଦାୟକ କଥା ଯେ ଦୁଇ ପରସ୍ପର ବିରୋଧୀ ରାଷ୍ଟ୍ରଙ୍କ ମଧ୍ୟରେ ଆଲୋଚନା କରାଯିବାର ସମସ୍ତ ଦ୍ୱାର ରୁଦ୍ଧ ହୋଇଯାଇନାହିଁ, ଯଦିଓ ଏହି ବୈଠକଗୁଡ଼ିକ ତିକ୍ତତା ଏବଂ ପରସ୍ପର ଉପରେ ଦୋଷାରୋପଭରା ଥିଲା। ଏମିତି ଏକ ସମୟରେ ଯେତେବେଳେ ରୁଷିଆ ୟୁକ୍ରେନ୍ ଯୁଦ୍ଧରେ ଆବଶ୍ୟକ ପଡ଼ିଲେ ଆଣବିକ ଅସ୍ତ୍ର ବ୍ୟବହାର କରିବାର ଧମକ ଦେଇ ନୂଆ କରି ଗଠିତ ହୋଇଥିବା ଷ୍ଟାର୍ଟ ଆଣବିକ ଅସ୍ତ୍ର ଚୁକ୍ତିରୁ ଉଠି ଚାଲି ଯାଇଥିଲା, ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ବାତାବରଣକୁ ଶାନ୍ତ କରିବାକୁ ଉଦ୍ୟମ କରାଯିବା ଉଚିତ୍। ବର୍ତ୍ତମାନ ସମୟରେ ଜି୨୦ର ନେତୃତ୍ୱ ନେବା ବ୍ୟତୀତ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବାଠାରୁ ଏ ବାବଦରେ ହୋଇଥିବା ସମସ୍ତ ଆଲୋଚନାରେ ଭାରତ କେନ୍ଦ୍ରରେ ରହି ଆସିଛି। ଏହାର କାରଣ ଗୋଟିଏ ପଟେ ଭାରତ ରୁଷିଆର ଏକ ମିତ୍ର ରାଷ୍ଟ୍ର ହୋଇଥିବାବେଳେ ସାମ୍ପ୍ରତିକ ସମୟରେ ଆମେରିକାର ଏକ ମିତ୍ର ରାଷ୍ଟ ହୋଇପାରିଛି, ଯେଉଁଥିପାଇଁ ଏହା ଉପରେ ଶ୍ରୀଯୁକ୍ତ ବ୍ଲିଙ୍କେନ୍ ଗୁରୁତ୍ୱ ଆରୋପ କରିଥିଲେ। ଗୋଟିଏ ଦୃଷ୍ଟିରେ ଦେଖିଲେ, ସମ୍ଭବତଃ ଆଶା କରାଯାଉଛି କି ଭାରତ ଏ ପର୍ଯ୍ୟନ୍ତ ଯୁଦ୍ଧକୁ ବନ୍ଦ କରିବା ପାଇଁ ସେପରି ବିଶେଷ କିଛି କରିନାହିଁ, କେବଳ ଯାହା ପ୍ରଧାନମନ୍ତ୍ରୀ ମୋଦୀଙ୍କର ରୁଷିଆକୁ ସାଂଘାଇଠାରେ ଚେତାଇ ଦେବା ବ୍ୟତୀତ ଯେ 'ଏହା ଯୁଦ୍ଧର ଯୁଗ ନୁହେଁ'। ବସ୍ତୁତଃ ଆମେରିକା କହିଥିଲା ଯେ ଭାରତର ରୁଷିଆ ସହିତ ବିଶେଷ ଧରଣର ସମ୍ପର୍କ ଦୃଷ୍ଟିରୁ ଭାରତ ଯୁଦ୍ଧ ବନ୍ଦ କରିବାପାଇଁ ଏକ ଉପାୟ ବାହାର କରିବ ବୋଲି ଏହା ଭାବୁଛି। ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ଘଟାଇବା ପାଇଁ ସିଧାସଳଖ କୌଣସି ଉପାୟ ବାହାର କରିବାରେ ବିଫଳ ହୋଇଥିଲେ ସୁଦ୍ଧା ଜି୨୦ ବୈଠକ ଅନେକ ଦୃଷ୍ଟିରୁ ଗୁରୁତ୍ୱ ରଖେ। ଭାରତର ବିଦେଶ ମନ୍ତ୍ରୀ ଯେପରି କହିଛନ୍ତି- ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ-ବିରୋଧୀ କାର୍ଯ୍ୟକ୍ରମ ହାତକୁ ନେବା, ଖାଦ୍ୟ ଓ ରାସାୟନିକ ସାର ଯୋଗାଣ ଶୃଙ୍ଖଳକୁ ବଜାୟ ରଖିବା ଏବଂ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ ପରିପୋଷଣୀୟ ବିକାଶ ଲକ୍ଷ୍ୟଗୁଡ଼ିକୁ ହାସଲ କରିବାପାଇଁ ଅଧିକପାଣ୍ଠିର ବ୍ୟବସ୍ଥା କରିବା ଭଳି ବହୁପକ୍ଷୀୟ ପ୍ରସଙ୍ଗଗୁଡ଼ିକର ସମାଧାନ ଦିଗରେ କାର୍ଯ୍ୟ କରାଯାଇପାରେ।

# ବସନ୍ତର ରଙ୍ଗ ଖେଳ

## ଡକ୍ଟର ଲକ୍ଷ୍ମଣ ସାହୁ

ଋତୁରାଜ ବସନ୍ତର ମୃଦୁମଳୟ ଝରକା ପାଖକୁ ଆସିଛି । ଜୀବନ, ମନ ପ୍ରାଙ୍ଗଣରେ କିଛି ଗତି କେବଳ ସ୍ୱାଭାବିକ ପାଲଟିଛି । କିଛି ବାସ୍ନା ଅଛି ଯାହା କ୍ରମାଗତ ଭାବରେ ନାସା ଆଘ୍ରାଣ କରୁଛି । ମନେ ହୁଏ ସତେ ଯେପରି ସବୁକିଛି ବଦଳିଯିବାରେ ଲାଗିଛି । ଏହି ପରିବର୍ତ୍ତିତ ପରିବେଶର ରହସ୍ୟ ଜାଣିବାକୁ, ଥରେ ମାତ୍ର ଆମକୁ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ଫ୍ଲାଟରୁ ବାହାରକୁ ଯିବାକୁ ପଡିବ । ଆଜିର ସଂକୁଚିତ ଦୁନିଆଁ ଠାରୁ ବହୁତ ଦୂରରେ, ଯେଉଁଠାରେ ବସନ୍ତର ଦୂତମାନେ ଆସୁଛନ୍ତି । ଯେଉଁଠି ଏବେ କ୍ଷେତଗୁଡ଼ିକ ହଳଦିଆ ସୋରିଷ ଫୁଲ ସହିତ ଫୁଲୁଛି । ଆମ୍ର କୁଞ୍ଜରେ ଲୁଚି ରହିଥିବା କୋଇଲି କୁହୁକୁହୁ ତାନ ସହିତ ବିଭିନ୍ନ ରଙ୍ଗରେ ଶୋଭିତ ପୁଷ୍ପ ବାଟିକା ସୁଗନ୍ଧ ବିତରଣ ଆରମ୍ଭ କରିଛି । ସତେ ଯେମିତି ଇନ୍ଦ୍ରଧନୁ ଫୁଲର ଫୁଲ ପରି ପୃଥିବୀକୁ ସଜାଇବାରେ ବ୍ୟସ୍ତ ଥିବା ମନେହୁଏ। ପ୍ରଜାପତିମାନେ ପର ହଲାଇ ଖୁସିରେ ଏଫୁଲକୁ ସେ ଫୁଲ ଘୂରି ବୁଲୁଛନ୍ତି । ଗଭୀର ଗର୍ତ୍ତରେ ରହୁଥିବା ଜୀବମାନେ ଦୀର୍ଘ ସମୟ ପରେ ସେମାନଙ୍କର ଗତିପଥ ପରିବର୍ତ୍ତନ କରିଛନ୍ତି । ବସନ୍ତର ଆଗମନ ସହିତ ସମସ୍ତେ ଏକ ସ୍ୱତନ୍ତ୍ର ସତେଜତା ଓ ନୂତନ ଆତ୍ମ ପ୍ରଣୟ ଅନୁଭବ କରିବା ଆରମ୍ଭ କରିଛନ୍ତି । ବାସ୍ତବରେ ପ୍ରକୃତି ରାଣୀର ଅପୂର୍ବ ସୌନ୍ଦର୍ଯ୍ୟ ବସନ୍ତର ରଙ୍ଗରେ ରଙ୍ଗାୟିତ ହୋଇ ନୂତନ ଗୌରବର ଭାବ ଜଗତ ସୃଷ୍ଟି କରିଛି।

ସବୁକିଛି ନୂଆ ନୂଆ ଲାଗୁଛି । ନୂତନ ଧୂପ, ନୂତନ ମଧୁରତା, ନୂତନ ବାସ୍ନାରେ ମହକି ଯାଉଛି । ସେହି ନୂତନତା ପୃଥିବୀରୁ ଆକାଶକୁ ବ୍ୟାପିଥିବା ପରି ମନେହୁଏ । ବସନ୍ତର ସୌନ୍ଦର୍ଯ୍ୟ ଅତୁଳନୀୟ । ଏହା ଆସିବା ମାତ୍ରେ ପ୍ରକୃତିର ପ୍ରତ୍ୟେକ କଣିକାରେ ଉତ୍ତେଜନା ସୃଷ୍ଟି କରେ । ଏହା ବିନା କାରଣରେ ନୁହେଁ ଯେ ଏହି ଋତୁରେ ବସନ୍ତ ଯେତେ ଅଧିକ ଲୋକଙ୍କ ମନରେ ଛାପିଯାଏ, ତାହା କାଗଜରେ ସାହିତ୍ୟରେ ଅଧିକ ଲିପିବଦ୍ଧ ହୁଏ ।

ବସନ୍ତର ସମାଗମରେ ଧରଣୀ ପଲ୍ଲବ ବସନରେ ପରିଶୋଭିତ ହୋଇ ଉଠୁଥିବା ବେଳେ ଅଟବୀ କୁଞ୍ଜରେ ପିକ୍ ର କୁହୁଧ୍ୱନୀ ଯେପରି ବୈଦିକ ମନ୍ତ୍ର ଗାନ ପରି ଶୁଣାଯାଏ । ପଶୁପକ୍ଷୀ ସ୍ଥାବର ଜଙ୍ଗମ ସର୍ବତ୍ର ମଧୁମୟ ବସନ୍ତର ଆଭାସ । ବସନ୍ତର ଏହି ନବ ଯୌବନ କାଳରେ ବିମୋହିତ ହୋଇ କବି ମାନସକୁ ବିହ୍ୱଳିତ କରି ଉଠେ । ରସିକ ମନ ତା'ର ପ୍ରାଣ ପ୍ରିୟା ପାଇଁ ବ୍ୟାକୁଳ ହୋଇଉଠେ । ଫଗୁଣ ଜୋଛନାରେ ଆବେଗ ପୂର୍ଣ୍ଣ ରୂପାକର୍ଷଣ ଓ ଜୀବନକୁ ଉପଭୋଗ କରିବା ପାଇଁ ଖିଆଲି ଆହ୍ୱାନ କବି କାଳିନ୍ଦୀ ଚରଣଙ୍କ ପାଣିଗ୍ରାହୀଙ୍କ ପଂକ୍ତିରେ - ଫଗୁଣର ହୁରି ଖେଳ ଗୀତ ଯେ/ ଆସିଛି ଧରାରେ ପ୍ରାଣ ମିତ ହେ/ ଆଜି ଖାଲି ହସିବାର ଭୁଲିବାର/ ଜୋଛନାରେ ନାଚ ଖାଲି ବାରବାର/ ପୋଛିଆସ ନୟନରୁ ଲୁହଧାର/ ବିଶ୍ୱ ହୋଇଛି ଉଲ୍ଲସିତ ଯେ/ ଫଗୁଣ ଜୋଛନ୍ନା ତଳେ ମିତ ହେ ।'

ରବିନ୍ଦ୍ରନାଥଙ୍କ ଗୀତାଞ୍ଜଳି କବିତାରେ ପ୍ରକୃତି ବର୍ଣ୍ଣନାର ଭାବ ସୌନ୍ଦର୍ଯ୍ୟ ଚିରନ୍ତନ ରୂପ - 'ଆଜିକେ ଏଇ ସକାଳ ବେଳାତେ / ବସେ ଅଛି ଆମାର ପ୍ରାଣେର - ସୁରୁଟି ମେଲାତେ , /ଆକାଶେ ଏଇ ଅରୁଣ ରାଗେ/ ମଧୁର ତାନ କରୁଣ ଲାଗେ / ବାତାସ ମାତେ ଆଲୋ ଛାୟାର ମାୟାର ଖେଲାତେ ।' ପ୍ରକୃତି ଭିତରେ କବି ଅଲୌକିକ ଭାବ ଜଗତ ସହ ଲୌକିକ ଚିତ୍ତ ବୃତ୍ତିର ଏକ ପାରସ୍ପରିକ ଯୋଗସୂତ୍ରକୁ ଶକ୍ତ ଓ ସମୃଦ୍ଧ କରିବାରେ ସଫଳ ହୋଇଛନ୍ତି। ଯେଉଁ ଠାରେ ଏକ ପ୍ରକାର ଅନୁଭବ ଓ ଭାବର ସମନ୍ୱୟ ଦେଖିବାକୁ ମିଳେ। ସେଲିଙ୍କ ଭାଷାରେ ' ଓ love not the man less, but nature more . ' ମଣିଷ ଓ ପ୍ରକୃତିକୁ ଭଲ ପାଉଥିବା କବି । ବାସ୍ତବରେ କହିବାକୁ ଗଲେ ପ୍ରକୃତିର ନିଜସ୍ୱ ମେଲୋଡି, ନିଜସ୍ୱ ଗୀତ ଅଛି। ବସନ୍ତ ହେଉଛି ସୃଷ୍ଟି ସମୟର ଆରମ୍ଭ। କ୍ଷେତରେ ସୋରିଷ ଫୁଲ, ସାମାନ୍ୟ ଆର୍ଦ୍ରତା ମଳୟର ପହିଲି ସ୍ୱର୍ଶ ମନକୁ ଖୁସି କରେ ଓ ଶରୀରକୁ ପୁଲକିତ କରେ । କାଳିନ୍ଦୀ ଚରଣଙ୍କ ଦୃଷ୍ଟିରେ- ' ଧରଣୀ ହେଲା କୋମଳତମ ଆକାଶ କମନୀୟ/ ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ ।'

ବସନ୍ତ ହେଉଛି ପ୍ରକୃତିର ସୌନ୍ଦର୍ଯ୍ୟର ଋତୁ । କୌଣସି ସ୍ଥାନରେ ଏହା ଗୌରବର ଋତୁ । ଜ୍ଞାନର କୌଣସି ସ୍ଥାନରେ, ଅନୁତାପର କି ପ୍ରେମର କୌଣସି ସ୍ଥାନରେ, କିନ୍ତୁ ଏହାର ପ୍ରତ୍ୟେକ ରୂପରେ କେବଳ ଆନନ୍ଦ ଅଛି । ବସନ୍ତର ପ୍ରତ୍ୟେକ ଅଂଶ ସୁଖରେ ପରିପୂର୍ଣ୍ଣ । ଯଦି ତୁମେ ଏହି ଆନନ୍ଦକୁ ଉପଭୋଗ କରିବାକୁ ଚାହୁଁଛ, ତେବେ ତୁମ ଭିତରେ ଋତୁରେ ଆସୁଥିବା ବସନ୍ତକୁ ଅନୁଭବ କରିବାକୁ ପଡିବ । ଏହି ଋତୁର ମୂହୁର୍ତ୍ତଗୁଡ଼ିକୁ ଚିହ୍ନି, ଏହାର ଗୌରବ ଆମ ଭିତରେ ମଧ ବଢିବାକୁ ପଡିବ। ରଙ୍ଗର ଚମତ୍କାରକୁ ଜୀବନ ଓ ଭାବନାକୁ ଆଣିବାକୁ ପଡିବ । ତା'ଙ୍କୁ ସଜାଇବାକୁ ପଡିବ । ପ୍ରକୃତି ନିଜକୁ ସଜାଇଥାଏ । ତା'ଙ୍କୁ ଆମ ଭିତରେ ଜାଗା ଦେବାକୁ ପଡିବ ।

ଆମ ଜୀବନର ବସନ୍ତ ଆମ ମନର ଷ୍ଟ୍ରିଙ୍ଗ୍ ଦ୍ୱାରା ଉଲସି ଉଠେ । ସେହି ଷ୍ଟ୍ରିଙ୍ଗରେ ଦୁଃଖର କୌଣସି ଭାଙ୍ଗିବା ଅଛି କି ନାହିଁ ତାହା ଦେଖିବାକୁ ହେବ । କୌଣସି ସ୍ଥାନରେ ନିରାଶାର ଯୁଦ୍ଧ କିଛି କୋଣରେ ଲୁଚି ରହିଛି, ଯଦିଓ ଏହା ହେବା ଅସମ୍ଭବ ନୁହେଁ । ଜୀବନର ଏହା ଏକ ପ୍ରାକୃତିକ ପ୍ରକ୍ରିୟା ଯଦି ହୁଏ, ତେବେ ଏହାକୁ ମରାମତି କରିବାକୁ ପଡିବ । ଆମ ଭିତରେ ବସନ୍ତକୁ ଜାଗ୍ରତ କରି ଆମକୁ ପ୍ରସ୍ତୁତ ହେବାକୁ ପଡିବ ?। କାରଣ ଯେଉଁଠାରେ ବସନ୍ତ ଅଛି, ସେଠି ଦୁଃଖର ସ୍ଥାନ ନାହିଁ । ଅପରିଷ୍କାର ମନୋଭାବ ନାହିଁ । ବସନ୍ତ ହେଉଛି ଉଜ୍ଜ୍ୱଳ ସୂର୍ଯ୍ୟକିରଣର ଋତୁ । ଏହା ଉଜ୍ଜ୍ୱଳ ରଙ୍ଗର ଋତୁ, ପ୍ରେମର ମଧୁର ଗୀତର ଋତୁ । ଦୁଃଖ କିମ୍ବା ନିରାଶାର କୌଣସି ଚିହ୍ନ ନାହିଁ । ଯଦି ଥାଏ , ତେବେ ତାର ଏକ ସମାଧାନ ଅଛି । ପୂର୍ବରୁ ଆମେ ବସନ୍ତକୁ ସ୍ୱାଗତ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବା ନା ଆମର ମନ ଏପର୍ଯ୍ୟନ୍ତ ଅମୂଲ୍ୟ ଜିନିଷରେ ଅପରିପୂର୍ଣ୍ଣ ଅଛି । ଯଦି ଆମେ ନିୟମକୁ ଦେଖିବା, ଏହା ଏପରି ହୋଇଛି ଯେ ଆମେ ବସନ୍ତର ପ୍ରକୃତ ସୁଖ ଚାହୁଁ । କିନ୍ତୁ କୃତ୍ରିମ ଜିନିଷରେ ବସନ୍ତ ପରି ଇନ୍ଦ୍ରଧନୁ ସୁଖ ଖୋଜିବା ଆରମ୍ଭ କରିଛେ । ମନରେ ଆନନ୍ଦ ଆଣିବାକୁ ଚାହୁଁଛେ । କେବଳ ଶବ୍ଦରେ ବସନ୍ତ ଖୋଜିବାକୁ ନୁହେଁ , ବରଂ ଅନୁଭବରେ । ସତ୍ୟ ହେଉଛି ଯେ ବସନ୍ତ ଅସୀମ ଶାନ୍ତି ଓ ନୀରବତା ବଜାୟ ରଖିବାରେ ପ୍ରେରଣା ଭରି ଦିଏ ।

ଏହି ଶବ୍ଦରେ ଯେ ପାଇଛି, ତାଙ୍କର ପାଦ ଚିହ୍ନ ଯେତିକି ଧୀର, କୃଷ୍ଣଙ୍କ ବଂଶୀ ପରି ସେତିକି ମଧୁର। ରାଧାକୃଷ୍ଣଙ୍କ ଶାଶ୍ୱତ ପ୍ରେମ । ଏହାକୁ ନିର୍ବିକାର ଚିତ୍ତରେ ଅନୁଭବ କରିବାକୁ ମନ ଶାନ୍ତ ହେବାକୁ ପଡିବ । ଯଦି ଆମ ଭିତରେ କିଛି ନୂଆ କିଛି ନଥାଏ, ତେବେ ଆମେ କିପରି ବସନ୍ତର ନୂତନତାକୁ ପାଳନ କରିପାରିବା ? କୌଣସି ପରିବର୍ତ୍ତନ ନାହିଁ । କୌଣସି ସୃଷ୍ଟି ହେବା ଉଚିତ୍ ନୁହେଁ । ବୁଝିବାକୁ ହେବ, ଆମ ଚିନ୍ତାଧାରାରେ ଆବୃତ ପ୍ରାଚୀନର ଅପରିଷ୍କାରତାକୁ ନଷ୍ଟ ନକରିବା ପର୍ଯ୍ୟନ୍ତ ଆମେ ବସନ୍ତର ଆତ୍ମାକୁ ଅନୁଭବ କରିପାରିବା ନାହିଁ । ଭଗବାନ ଆମ ଆନନ୍ଦରେ ଅଛନ୍ତି ବୋଲି ଓଶୋ କହିଛନ୍ତି । ସେ ଆମ ଉତ୍ସବରେ ଅଛନ୍ତି , ସେ ଉତ୍ସାହରେ ଅଛନ୍ତି , ରସରେ ଅଛନ୍ତି , ସଂଗୀତରେ ଅଛନ୍ତି । ତେଣୁ ତା'ଙ୍କୁ କେବେ ଦୁଃଖର ଲୁହରେ ଖୋଜିବାକୁ ଚେଷ୍ଟା କର ନାହିଁ । ସତରେ , ତମେ ଯଦି ଭଗବାନଙ୍କୁ ଚାହୁଁଛ, ତେବେ ଜୀବନକୁ ଏକ ଧ୍ୟାନରେ ସ୍ମରଣ କର । ନିଜଠାରୁ ଦୁଃଖର କାରଣ ହଟାଇ ଦିଅ ।

ଅତଏବ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ, ବସନ୍ତର ହଳଦିଆ ରଙ୍ଗ ସହିତ ପ୍ରତ୍ୟେକ ସ୍ତରକୁ ରଙ୍ଗ କରି ନିଅ । ବସନ୍ତ ପବନର ପ୍ରଥମ ପବନରେ ଖୋଲା ହସ ପରି ହସ । ବସନ୍ତର ମହୁଆ ଗନ୍ଧ ଭଳି ଗନ୍ଧ । ବସନ୍ତର ଆଗମନରେ ଭ୍ରମରର ଗୁଣୁଗୁଣୁ ସ୍ୱର ପରି ଗାନ କର । ବସନ୍ତ ଉପଭୋଗ କରିବାକୁ ହଜାର ହଜାର ବାହାନା ଆଣିଥାଏ । କେଉଁ ବାହାନାରେ ତମେ ହସିବାକୁ ପସନ୍ଦ କରିବ, ତାହା ତମ ଉପରେ ନିର୍ଭର କରେ..!!!


+ ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ - ୪

ମୋ:୯୪୩୭୭୪୦୨୮୦


# କର୍ମବୀର ଗୌରୀଶଙ୍କର ରାୟ

## ବିଶ୍ୱବିଜୟୀ ଦାଶ

ଭାଷା ଭିତ୍ତିରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା ପାଇଁ ଯେଉଁ କେତେଜଣ ବରେଣ୍ୟ ଓଡ଼ିଆ ଆଗଧାଡ଼ିରେ ରହିଥିଲେ ସେମାନଙ୍କ ଭିତରେ କର୍ମବୀର ଗୌରୀଶଙ୍କର ରାୟ ଥିଲେ ଅନ୍ୟତମ। ଓଡ଼ିଆ ଭାଷାକୁ ଉଜ୍ଜୀବୀତ କରି ରଖିବାରେ କର୍ମବୀରଙ୍କ ଅବଦାନ ଥିଲା ଅତୁଳନୀୟ। ସବୁବେଳେ ସେ କର୍ମରେ ବିଶ୍ୱାସ କରୁଥିଲେ। ତାଙ୍କ ନିଷ୍ଠାପର କର୍ମ ପାଇଁ ତାଙ୍କୁ 'କର୍ମବୀର' ଆଖ୍ୟା ଦିଆଯାଇଛି।

ସେ ୧୮୩୮ ମସିହା ଜୁଲାଇ ୧୩ ତାରିଖ, ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ଦିନ କଟକ ଜିଲ୍ଲା ଅସୁରେଶ୍ୱର ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଗ୍ରାମ ଚାଟଶାଳୀରେ ପ୍ରାଥମିକ ଓଡ଼ିଆ ଶିକ୍ଷା ସମାପ୍ତ ପରେ ଏଗାର ବର୍ଷ ବୟସରେ କଟକ ହାଇସ୍କୁଲ ଏବଂ ପରେ ହୁଗୁଳି ଯାଇ ସେଠାରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ।

ଗୌରୀଶଙ୍କର ରାୟ ଓ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ୧୮୬୪ ମସିହାରେ 'କଟକ ପ୍ରିଣ୍ଟିଂ କମ୍ପାନୀ' ଗଢ଼ିଥିଲେ।

ଉତ୍କଳ ଦୀପିକା, ଓଡ଼ିଶାର ପ୍ରଥମ ଓଡ଼ିଆ ସମ୍ବାଦପତ୍ର।ଏହା ୧୮୬୬ ମସିହା ଅଗଷ୍ଟ ୪ ତାରିଖରେ ପ୍ରଥମ କରି ପ୍ରକାଶିତ ହୋଇଥିଲା। କର୍ମବୀର ଗୌରୀଶଙ୍କର ରାୟ ଏହାର ପ୍ରତିଷ୍ଠାତା ତଥା ପ୍ରଥମ ସମ୍ପାଦକ ଥିଲେ। ଗୌରୀଶଙ୍କର ରାୟ ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ପ୍ରତିଷ୍ଠିତ 'କଟକ ପ୍ରିଣ୍ଟିଂ କମ୍ପାନୀ'ରୁ ଏହି ସମ୍ବାଦପତ୍ର ପ୍ରକାଶ ପାଉଥିଲା। ଉତ୍କଳ ଦୀପିକା ତତ୍କାଳିନ ଓଡ଼ିଶାକୁ ସାମାଜିକ,ନୈତିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗଦର୍ଶନ ଦେବାରେ ସଫଳ ହୋଇଥିଲା ଏବଂ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପିତ କରିବାରେ ଅଗ୍ରଣି ଭୂମିକା ଗ୍ରହଣ କରିଥିଲା। ଗୌରୀଶଙ୍କର ରାୟ ନିଜ ଅନ୍ତିମ ସମୟ ପର୍ଯ୍ୟନ୍ତ ଉତ୍କଳ ଦୀପିକାର ସମ୍ପାଦନା କରିଆସୁଥିଲେ । ଏତଦ ବ୍ୟତିତ ଉତ୍କଳ ଦୀପିକା ବାଲ୍ୟବିବାହ ପରି ଘୃଣ୍ୟ ପ୍ରଥା ବିରୋଧରେ ମଧ ସ୍ୱର ଉତ୍ତୋଳନ କରିଥିଲା।ଉତ୍କଳ ଦୀପିକାର ସଫଳତା ଓଡ଼ିଶାରେ ସମ୍ବାଦପତ୍ର ପ୍ରକାଶନର ମୂଳଦୁଆ ପକାଇଥିଲା।


ସମାଜ ସଂସ୍କାର, ଓଡ଼ିଆ ଭାଷାର ସମୃଦ୍ଧି, ସୁରକ୍ଷା ଏବଂ ବିଭିନ୍ନ ଓଡ଼ିଆଭିତ୍ତିକ କାର୍ଯ୍ୟକ୍ରମରେ ସଦାସର୍ବଦା ସେ ଯତ୍ନବାନ ଥିଲେ। ଗୌରୀଶଙ୍କର ନିଜର ଦୃଢ଼ ଅଧ୍ୟବସ୍ୟାୟ ଏବଂ ଦୃଢ଼ ନିଷ୍ଠା ପାଇଁ ବହୁ ପ୍ରାଚୀନ ସାହିତ୍ୟ, ଗ୍ରନ୍ଥ, ଧର୍ମଗ୍ରନ୍ଥ ଇତ୍ୟାଦି କଟକ ପ୍ରିଣ୍ଟିଂ ପ୍ରେସରୁ ପ୍ରକାଶିତ କରି ଓଡ଼ିଆ ଭାଷା ଏବଂ ସାହିତ୍ୟରେ ସମୃଦ୍ଧି ଦିଗରେ ଅନେକ କାର୍ଯ୍ୟ କରିଛନ୍ତି।

କର୍ମବୀର ଗୌରୀଶଙ୍କର ରାୟ ୧୯୧୭ ମାର୍ଚ୍ଚ ୭ ତାରିଖରେ ଦୁନିଆ ଛାଡ଼ି ଚାଲିଗଲେ। ଏହି କାଳଜୟୀ କର୍ମବୀର ଚିର ନମସ୍ୟ।ଓଡ଼ିଆ ଅସ୍ମିତାର ସଂରଚନା ଏବଂ ଓଡ଼ିଶାରେ ଖବରକାଗଜ ପ୍ରକାଶନର ଆଦି କର୍ଣ୍ଣଧାର ଭାବେ ଓଡ଼ଆ ସାହିତ୍ୟ ଇତିହାସରେ ଚିରସ୍ମରଣୀୟ ହୋଇ ରହିଛନ୍ତି କର୍ମବୀର ଗୌରୀଶଙ୍କର ରାୟ।ଆଜି ତାଙ୍କର ଶ୍ରାଦ୍ଧବାର୍ଷିକ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ କୋଟି କୋଟି ପ୍ରଣାମ ଜଣାଉଛି।


ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା

ପିନ୍- ୭୫୨୦୩୫

(ମୋ)- ୬୩୭୦୨୦୮୪୨୮





## ନିତି ଦେଖୁଛି ମୁଁ ତାକୁ

### ନିରଞ୍ଜନ ସାହୁ

ଏମିତି ଏ ହୋଲି ଦିଶେ ନୀଳ, ନାଲି
ସବୁଜ, କାଳିଆ ପୁଣି
ରାଧିକା ସହିତ କହ୍ନେଇ ଖେଳଇ
ଜାତିଜାତି ଫଗୁ ବୁଣି ।

ସଖା ମେଳେ ଥାଇ ବଇଁଶୀ ବଜାଇ
ନାଚୁଥାଏ ମନଭରି
ଗୋପିଗୋପାଳଙ୍କ ମନରେ ଆନନ୍ଦ
ପିଚକାରୀ ହାତେ ଧରି
ଯିଏ ଯାହା କହୁ ନ ଥାଏ ଖାତର
ନିନ୍ଦା କି ପ୍ରଶଂସା ଶୁଣି ।

ଫଗୁଣ ଫେରିଛି ଅବିର ଆଣିଛି
ମଳୟ ମରୁତ ବହେ
ପଳାଶ ଲାଲିମା ଦିଶଇ ସୁଷମା
କୋଇଲି ପଞ୍ଚମେ କହେ
ଗୋପଦାଣ୍ଡ ଆଜି ଉଚ୍ଛୁଳି ଉଠୁଛି
ହୋଲି ପାଶେ ସର୍ବେ ଋଣୀ ।

ଆନନ୍ଦେ ନାଚନ୍ତି ଅବିର ବୋଳନ୍ତି
ମାରୁଛନ୍ତି ପିଚକାରୀ
ସାରା ଗୋପପୁରୀ ପଡୁଅଛି ହୁରି
ଖେଳୁଛନ୍ତି ନରନାରୀ
ହୀନ ନିରଞ୍ଜନ କରୁଛି ଲିଖନ
ବସନ୍ତ ରାହାସ ଗୁଣି ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ :୯୯୩୮୭୪୧୫୮୩


## ହୋଲି

### ଦୀପକ କୁମାର ନାଏକ

ଆସିଛି ଫଗୁଣ ଖେଳିବା ଫଗୁ
ପ୍ରେମର ରଙ୍ଗରେ ଭିଜିବା ସବୁ
ଏଇ ରଙ୍ଗ ଆଉ ନ ଥିବ କାଲି
ଗାଲରେ ବୋଳିଦେ ଅବିର ନାଲି
ହୋଲିରେ ତୁମକୁ ଅଭିନନ୍ଦନ
ରଙ୍ଗୀନ୍ ହେଉ ତୁମ ସାରା ଜୀବନ
ବରଷକ ପରେ ଆସିଛି ହୋଲି
ଭଲରେ ଖେଳିବା ଗାଆଁରେ ବୁଲି
ଆକାଶଠାରୁ ମୁଁ ରଙ୍ଗ ଆଣିଥିଲି
ତମେ ଖେଳିବ ବୋଲି ହୋଲି
ଇନ୍ଦ୍ର ରାଜାଙ୍କୁ ମୁଁ ଚିଠି ଲେଖିଥିଲି
ଆଜି ବରଷା ହବନି ବୋଲି


+ଯୁବ ସାମ୍ବାଦିକ
ଗଣ୍ଡାନାଳୀ ,ହିନ୍ଦୋଳ
ଢେଙ୍କାନାଳ, ୭୫୯୦୨୧
ମୋ: ୮୬୩୭୨୬୧୮୨୮




## ରଙ୍ଗ ପର୍ବ

### କୀର୍ତ୍ତନ ସାହୁ

ତମ ମୋ ସମ୍ପର୍କ
ବୁଢିଆଣୀ ଜାଲ
ନୁହେଁ ଯେ
ଛିଡ଼ିଯିବ
ଟିକିଏ ଆଘାତରେ
ଅନେକ ପ୍ରତିଶ୍ରୁତିର ଗାର
ଯେତେବେଳେ ହୃଦୟରେ
ଅଲିଭା ହୋଇ
ପଡ଼ି ରହିଛି
ତାକୁ ତମେ ତମ
ଜଞ୍ଜାଳର ଇନ୍ଦ୍ରପୂରୀ ଭିତରେ
ଟିକିଏ ଅନେଇବାକୁ
ବେଳ କାହିଁ ଯେ !
ହେଲେ ଅନେଇଲେ
ତମେ କୋଉ
ଦେଖି ପାରିବ
ତମ ଚକ୍ଷୁ ବନ୍ଧନ ଭିତରେ !
ଏଇ ହୋଲି ପର୍ବରେ
ମନ ପୁଲକିତ ବେଳାରେ
ତମ ହାତ ବୋଳା
ଅବିର ଦାଗର
ଅବିକଳ ଚିତ୍ର
ଏବେ ବି ସ୍ୱଷ୍ଟ
ମୋ ଭିତରେ
ମେଲଣ ପଡିଆର
ଗହଳି ଭିତରେ
ତମ ତୀକ୍ଷ୍ଣ ଚାହାଣୀର
ତୀରରେ କ୍ଷତାକ୍ତ ମୋ ମନ
ସେଇମିତି ଅବସ୍ଥିତ
ମନ୍ଦିର ବେଢ଼ା ଗୀତ ଗାଏ
ତମ ମୋ ଅଧା ଗଢା କାହାଣୀର
ଆଉ କେତେ ପଦ
ଯୋଡ଼ିବାର ଆହ୍ୱାନ
ଶୁଣାଏ
ଏଇ ହୋଲି ପର୍ବ
ରଙ୍ଗର ପର୍ବ
ସିଲଟରେ ଖଡ଼ି ଲେଖା
ଲିଭିଯିବ
କଥାର ଗାର
ହୃଦୟର ଅନୁଭବର
ଯେତେବେଳେ ଖୋଲ
ପଢି ହେବ
ମାୟାର କୁହେଳିକା ଡେଇଁ
ଜୀବନର ସଫେଦ୍
ଆଲୁଅ ଭିତରେ
ଥରେ ପଢ଼ନା ... ।


+ମିଶ୍ର କଲୋନୀ
ଶାଳପଡା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


## ଦୋଳେଚ ଦୋଳଗୋବିନ୍ଦମ୍

### ସୁମନ ଲେଙ୍କା

ଝୁଲି ଝୁଲି ଆସେ କଳା କହ୍ନେଇ
ରାଧିକା ରାଣୀଙ୍କୁ ସାଥିରେ ନେଇ
ଦୋଳ ବିମାନରେ ନଟନାଗର
ଡାକନ୍ତି ଭକତ ହୋଇ ଅଧିର
ପୀତ ବସନକୁ ରଙ୍ଗ ଅଧର
ଶ୍ରୀଅଙ୍ଗରେ ଶୋଭେ ମୁକୁତା ହାର
ମସ୍ତକରେ ଶୋଭେ ମୟୂର ଚୂଳ
ବାଙ୍କ ଚାହାଣୀ ଯେ କି ମନୋହର
ମୋହନ ମୁରଲୀ ହସ୍ତରେ ଧରି
ପ୍ରଭୁ ଭାବଗ୍ରାହୀ ଆସନ୍ତି ଥିରି
ଦ୍ୱାର ଦ୍ୱାର ବୁଲି ନୀଳମାଧବ
ଭକତ ହସ୍ତରୁ ଖାଆନ୍ତି ଭୋଗ
ଦୋଳରେ ଗୋବିନ୍ଦ ବିଜେ କରନ୍ତି
ରାଧିକା ରାଣୀର ମନ ଚୋରାନ୍ତି
ଭକତ ଜନଙ୍କ ଦୁଃଖ ହରନ୍ତି
ଫଗୁଣର ଫଗୁ ରଙ୍ଗ ବୋଳନ୍ତି
ତୁମ୍ଭ ଶ୍ରୀଚରଣ ବିନା ନାହିଁ ଅନ୍ୟଗତି
ଚରଣେ ଶରଣ ଦିଅ ପ୍ରଭୁ ମହାମତି
ତୁମ୍ଭ ପଦ୍ମ ପାଦେ ମୋର ଏତିକି ଗୁହାରୀ
ଥାଉ ସଦା ତୁମ୍ଭ ଦୟା ଏ ଅଧମ ପ୍ରତି।


+ଅଲଣା-୨
ବଚ୍ଛାଳୋ,ନାଉଗାଁ,ଜଗତସିଂହପୁର
ମୋ-୭୮୪୮୦୬୨୫୧୦




# ହୋଲି...ହୋଲି-୨୦୨୩



## ରାସାୟନିକ ରଙ୍ଗଠାରୁ ଦୂରେଇ ରୁହନ୍ତୁ



**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ହୋଲି ଆସୁଛି। ରଙ୍ଗର ଏହି ପର୍ବରେ ପରସ୍ପରକୁ ରଙ୍ଗ ଏବଂ ଫଗୁ ବୋଳିବା ପାଇଁ ଅନେକେ ଚାହିଁବସିଥାନ୍ତି । ସେଥିପାଇଁ ଅନେକେ ବଜାରରୁ ରଙ୍ଗ ଏବଂ ଫଗୁ କିଣିବାରେ ବ୍ୟସ୍ତ। ବଜାରରେ ବିଭିନ୍ନ କିସମର ରଙ୍ଗ ମିଳୁଛି। ଖାଲି ଆଖିକୁ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ହେଉଛି। କେତେକ ଲାଭଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଇଞ୍ଜିନ ତେଲ ଏବଂ କାରଖାନାର ବର୍ଜ୍ୟ ତୈଳ ମିଶାଇଥାନ୍ତି। ଏଗୁଡ଼ିକ ଶରୀର ପ୍ରତି କ୍ଷତିକାରକ, ଏପରିକି ଶରୀରର ଅଙ୍ଗଗୁଡ଼ିକୁ ଅଚଳ କରିଦିଏ। ତେଣୁ ରଙ୍ଗ କିଣିବା ବେଳେ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ବିଶେଷ କରି ପ୍ରାକୃତିକ ରଙ୍ଗର ବ୍ୟବହାର ଅଧିକ ମାତ୍ରାରେ କରନ୍ତୁ। ଜନହିତ ପାଇଁ ଧରିତ୍ରୀ ପକ୍ଷରୁ ଏପରି ରଙ୍ଗ ସମ୍ପର୍କରେ ସତର୍କ କରି ଦିଆଯାଉଛି। ସ୍ୱସବୁଜ ରଙ୍ଗରେ କପର ସଲ୍‌ଫେଟ ମିଶିଥାଏ। ଏହା ଆଖି ରୋଗର କାରଣ ହେବା ସହ ମଣିଷକୁ ଅଣନିଃଶ୍ୱାସୀ କରିଥାଏ। ଏହାଛଡ଼ା ଏହି ରଙ୍ଗ ଆଂଶିକ ଭାବେ ଅନ୍ଧ କରିଦେଇଥାଏ। ସ୍ୱରୁପେଲି ରଙ୍ଗରେ ଆଲୁମିନିୟମ୍ କ୍ରୋମାଇଟ ରହିଛି। ଏଥିଯୋଗୁଁ କର୍କଟରୋଗ ହେବାର ସମ୍ଭାବନା ଅଧିକ। ହାଲ୍‌କା ବାଇଗଣୀ ରଙ୍ଗରେ କ୍ରୋମିୟମ୍‌ବାଇଡାଇଡ୍ ମିଶିଥାଏ। ଏହି ରଙ୍ଗ ବ୍ୟବହାର କଲେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ। ନୀଳରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁ ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ରହିଛି। ସ୍ୱଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ୍ ମିଶିଥାଏ। ସେଥିଯୋଗୁଁ ଚର୍ମ କର୍କଟ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଯାଇଥାଏ। ଚକ୍ ଚକ୍ କରୁଥିବା ରଙ୍ଗଗୁଡ଼ିକରେ ଗୁଣ୍ଡକାଚ ମିଶିଥାଏ। ଏହାଛଡ଼ା ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ।

ହୋଲି ହେଉଛି ଆନନ୍ଦର ପର୍ବ, ସଂପ୍ରୀତିର ପର୍ବ, ପ୍ରେମର ପର୍ବ ହେଲେ ବର୍ତ୍ତମାନର ସମୟରେ ଚାରିଆଡ଼େ ଭେଜାଲମୟ ଦିଶିଲାଣି। ଯେଉଁଠି ଔଷଧ ଠାରୁ, ଚାଉଳ ଭେଜାଲ ହେଲାଣି, ମଦ ଠାରୁ ନୋଟ ବି ଜାଲ ହେଲାଣି ସେଠି ଭେଜାଲ ଜୀବନ ବି ଆଉ ବେଶି ଦିନ ନୁହେଁ। ରାସାୟନିକ ରଙ୍ଗ ଗୁଡ଼ିକ ଆମ ପାଇଁ ଅତ୍ୟନ୍ତ ଘାତକ ଓ ବିପଦଜ୍ଜନକ ଏହାକୁ ଆମେ କ'ଣ ଜାଣିନାହୁଁ? ହେଲେ ସବୁ ଜାଣି ମଧ୍ୟ ଆମେ ଅଜଣା ହୋଇ ବିଷରଙ୍ଗ କିଣୁଛୁ ନିଜେ ବିଷାକ୍ତ ହେଉଛୁ ଏବଂ ବିଷାକ୍ତମୟ ପରିବେଶ ଓ ସମାଜ ତିଆରି କରୁଛୁ। ଏ କ୍ଷେତ୍ରରେ ଦାୟିତ୍ୱ ତ ସମସ୍ତଙ୍କର କିନ୍ତୁ ପ୍ରଶାସନ ଓ ଡାକ୍ତରର ଦୋଷ ଦେଇ ଲାଭ କିଛି ନାହିଁ। ହୋଲିରେ ରାସାୟନିକ ରଙ୍ଗ ସହ ଅହୁରି ଦୁର୍ଭାଗ୍ୟର ପ୍ରସଙ୍ଗ ହେଉଛି ନିଶାଦ୍ରବ୍ୟ ସେବନ। ରଙ୍ଗମୟ ଜୀବନ ସମସ୍ତଙ୍କୁ ରଙ୍ଗାୟିତ କରୁ କିନ୍ତୁ କଥାରେ ନାହିଁ 'ସେ ରଙ୍ଗ ରହିଲେ ହେଲା'। ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ବଡ଼ ପାର୍ବଣ ଅବସର ହୋଲିରେ ରାସାୟନିକ ରଙ୍ଗରୁ ହର୍ବାଲ ରଙ୍ଗକୁ ଆପଣାଇବା ଖୁବ ଭଲ। ଭଗବାନ ଶ୍ରୀକୃଷ୍ଣ ସମସ୍ତଙ୍କୁ ଆନନ୍ଦ ଦିଅନ୍ତୁ ଏହା ହିଁ ହୋଲିର ଅବସରର ପ୍ରାର୍ଥନା।

ଶିଖରପୁର ଉପରସାହି, କଟକ,
ମୋ : ୮୨୮୦୯୬୩୨୮୩



## ରାଧାକୃଷ୍ଣଙ୍କ ହୋଲି, ପୁରାଣ ଓ ଆଧ୍ୟାତ୍ମିକ ଚେତନା



**ତ୍ରିନାଥ ଓଝା**

ଆନନ୍ଦ, ଉଲ୍ଲାସ, ପ୍ରଣୟ, ଭାଇଚାରାର ପାର୍ବଣ ଦୋଳ ଆରମ୍ଭ ହୋଇଯାଇଛି। ଜୀବନର ରଙ୍ଗ ମଧ୍ୟ ହୋଲି। ଏହି ହୋଲିର ପୂର୍ବ ଦୋଳଯାତ୍ରାର ବଡ଼ ବାସ୍ତବ ଚିତ୍ର ହେଉଛି ପରମପ୍ରେମମୟ ଶ୍ରୀକୃଷ୍ଣ ବର୍ଷକୁ ଥରେ ଭକ୍ତଜନଙ୍କ ଦ୍ୱାରକୁ ଆସିଥାନ୍ତି। ଠିକ ମହାପ୍ରଭୁ ଶ୍ରୀଜଗନ୍ନାଥ ପତିତ ଜନଙ୍କ ଉଦ୍ଧାର ପାଇଁ ପତିତପାବନ ଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା। ହେଲେ ଜୀବନରେ ସୁଖ ଥିଲେ ତ ଦୁଃଖ ଅଛି, କଷ୍ଟ ଥିଲେ ତ ଆନନ୍ଦ ଅଛି। ଜୀବନର ମୂଲ୍ୟ ବୁଝିବା ପୂର୍ବରୁ ଆମ୍ଭେମାନେ ଅନେକ ଅମଡ଼ା ବାଟକୁ ମାଡିଯାଇଥାଉ ତେବେ ପ୍ରେମମୟ ଶ୍ରୀକୃଷ୍ଣ ସମସ୍ତଙ୍କୁ ଆନନ୍ଦ ଓ ଭଲପାଇବାର ସେବାର ମହାନ୍ତ ଦିଅନ୍ତୁ। ଗୋପପୁରରେ ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହ ରାସଲୀଳା କରୁଥିଲେ। ଏହି ରାସଲୀଳାରେ ଦେବୀ ରାଧାଙ୍କ ସମେତ ସମସ୍ତ ଗୋପାଙ୍ଗନାମାନେ ଭାଗ ନେଉଥିଲେ। ଶ୍ରୀକୃଷ୍ଣଙ୍କ ବର୍ଣ୍ଣ ଥିଲା କଳା। ଦେବୀ ରାଧା ଥିଲେ ଗୌରବର୍ଣ୍ଣ। ଥରେ ନିଜ ରଙ୍ଗକୁ ନେଇ ଭଗବାନ କୃଷ୍ଣ ମାତା ଯଶୋଦାଙ୍କ ନିକଟରେ ଅଝଟ କଲେ। ମାତାଙ୍କୁ କହିଲେ ରାଧା, ଗୌରବର୍ଣ୍ଣା। କିନ୍ତୁ ମୋ ବର୍ଣ୍ଣକଳା କାହିଁକି? ପୁତ୍ରର ଅଝଟ ଶୁଣି ମାତା ଯୋଶାଦା କହିଲେ, ତୁମେ ରଙ୍ଗ ନେଇ ରାଧାଙ୍କ ମୁହଁରେ ବୋଳିଦିଅ। ତାଙ୍କ ରଙ୍ଗ ସହ ତୁମର ରଙ୍ଗ ମଧ୍ୟ ସମାନ ହୋଇଯିବ। ମାତାଙ୍କ ଏହି ପରାମର୍ଶ ଭଗବାନ ଶ୍ରୀକୃଷ୍ଣଙ୍କ ମନକୁ ପାଇଲା। ସେ ନିଜ ହାତରେ ପ୍ରାକୃତିକ କଳା ରଙ୍ଗ ପ୍ରସ୍ତୁତ କଲେ। ଏବଂ ସେହି ରଙ୍ଗ ନେଇ ଦେବୀ ରାଧାଙ୍କ ମୁହଁରେ ବୋଳି ଦେଲେ। ଏହାପରେ ଦେବୀ ରାଧା ମଧ୍ୟ ଶ୍ରୀକୃଷ୍ଣଙ୍କ ପରି କଳା ହୋଇଗଲେ। ଏହି ଘଟଣା ପର ଠାରୁ ଗୋପପୁରରେ ହୋଲି ଖେଳିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି ପୁରାଣରେ ବର୍ଣ୍ଣନା ରହିଛି।

ହୋଲି ଭାରତୀୟଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ଏହି ପର୍ବ ଦେଶବାସୀଙ୍କ ମନରେ ପ୍ରବଳ ଉତ୍ସାହ ନେଇ ଆସିଥାଏ। ଆବାଳବୃଦ୍ଧବନିତା ରଙ୍ଗ ଖେଳରେ ମସଗୁଲ ରହିଥାନ୍ତି। ରଙ୍ଗ ଖେଳିବା ସମୟରେ ନାଚଗୀତ, ହୋହଲ୍ଲା ମଧ୍ୟ ହୋଇଥାଏ। ତେବେ ଏପରି ହୋହଲ୍ଲା କରିବା ପଛରେ ଏକ ପୌରାଣିକ କାରଣ ରହିଛି। ଭଗବାନ ଶ୍ରୀରାମଙ୍କ ପୂର୍ବଜ ଥିଲେ ରାଜା ରଘୁ। ତାଙ୍କ ରାଜତ୍ୱ ସମୟରେ ଢୁଣ୍ଡି ନାମ୍ନୀ ଏକ ରାକ୍ଷସୀ ଥିଲା। ରାକ୍ଷସୀ ଭଗବାନ ଶିବଙ୍କୁ ପ୍ରସନ୍ନ କରି ତନ୍ତ୍ର ବିଦ୍ୟା ଜ୍ଞାନ ଆହରଣ କଲା। ଏହି ବିଦ୍ୟା ଜରିଆରେ ସେ ଅଦୃଶ୍ୟ ହୋଇ ଛୋଟ ଛୋଟ ପିଲାମାନଙ୍କୁ ଅପହରଣ କରି ନେଲା। ସେମାନଙ୍କୁ କଷ୍ଟ ଦେଲା । ତନ୍ତ୍ରବିଦ୍ୟା ପ୍ରୟୋଗ କରି ଶିଶୁମାନଙ୍କୁ ରୋଗୀଣା କରିଦେଲା। ପିତାମାତା ଏ ସମ୍ପର୍କରେ ଜାଣିପାରି ଚିନ୍ତିତ ହୋଇପଡ଼ିଲେ। ଭଗବାନ ଶିବ ବରଦାନ ଦେବା ସମୟରେ ଢୁଣ୍ଡି ରାକ୍ଷସୀକୁ କହିଥିଲେ ଯେ ହୋହଲ୍ଲା ଏବଂ କୋଳାହଳ ହେଉଥିବା ସ୍ଥାନରେ ତନ୍ତ୍ରବିଦ୍ୟା କାମ କରିବ ନାହିଁ। ଏହା ଜାଣିପାରି ହୋଲି ଅବସରରେ ଶିଶୁମାନେ କୋଳାହଳ ସୃଷ୍ଟି କଲେ। ନାଚଗୀତରେ ମସଗୁଲ ରହିଲେ। ଧୀର ଧୀରେ ଏଥିରେ ବଡ଼ମାନେ ମଧ୍ୟ ସାମିଲ ହେଲେ। ଏପରି କରିବା ଦ୍ୱାରା ଢୁଣ୍ଡି ରାକ୍ଷସୀର ପ୍ରଭାବ ହ୍ରାସ ପାଇଲା। ସେହି ଦିନ ଠାରୁ ହୋଲିରେ ନାଚଗୀତ, ହୋହଲ୍ଲା ହୋଇ ଆସୁଛି।

+ ଭାଗବତ ଗାଦି
ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା,
କଟକ,
ମୋ :୯୨୩୮୬୦୨୮୨୫

### ହେ ଫଗୁଣ

**ଅଳକା ରାୟ**



ଚୈତ୍ର ସାୟାରେ ଫଗୁଣ ହସେ
ବଉଳ ମହକେ ମହ ମହ
ଚଇତି ଛୁଆଁରେ ପ୍ରୀୟା ମୋର ହସେ
ପ୍ରୀତିରେ ମହକାଇ ମନ।
ହେ ଫଗୁଣ ତୋ ପହିଲି ଛୁଆଁରେ
ଅନୁଭବିଲି
ପ୍ରୀୟାର ସ୍ପର୍ଶକୁ ମୋର
ଫଗୁଣ ଫଗୁରେ ଭିଜଇ ମୋ ପ୍ରିୟା
ମନରେ ଆଙ୍କେ ପ୍ରତିଛବିମାନ।

ହେ ଫଗୁଣ ତୁମ ମଳୟ ପରଶେ
ମନେ ଜାଗେ ଶିହରଣ



ପ୍ରତି ପ୍ରୀତି ପ୍ରାଣେ ଭରିଦିଅ ତୁମେ
ଅଭୁଲା ମଧୁର ସ୍ମୃତିମାନ।

ପୁନେଇଁ ଆକାଶେ ପ୍ରୀୟା ମୋର ପାଶେ
ତାରାମେଳେ ଜହ୍ନ ରାତି
ବସନ୍ତ ମାସ ମଧୁମାସ ପରା
ମନରେ ଜାଗଇ ପ୍ରୀତି।
କୃଷ୍ଣଚୂଡ଼ା ଆଉ ବଉଳର ବାଆ
ଛୁଆଁ ଯେ କେତେ ମନୋହର
ସମ୍ମୋହନ କରେ ଉଷ୍ମତା ହେ ଫଗୁଣ
ତୃଷ୍ଣାରେ ଆତୁର ମନ।

ହେ ଫଗୁଣ ତୁମ ପହିଲି ଛୁଆଁରେ
ରଙ୍ଗିନ ହୁଅଇ ମନ
ମଳୟର ତାଳେ ବିରହର ବେଣୁ
ବାଜୁଛି ମୋ କାନେ କାନେ।

+ ନୟାପଲ୍ଲୀ, ଭୁବନେଶ୍ୱର

### ବିବର୍ଣ୍ଣ ବର୍ଣ୍ଣାଳି

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ଅବିରର ରଙ୍ଗବୋଳି
ଅସ୍ପଷ୍ଟ ଚେହେରା ତୁମ
ସ୍ୱଚ୍ଛ ନୁହଁ ମନର ଦର୍ପଣ
ଆଗ ଭଳି।

ଚକ୍ଷୁରେ କାମନାର ବହ୍ନି
ହାତେ ରଙ୍ଗ ପିଚକାରି
କରିବାକୁ କଳୁଷିତ
ଦେହର ଦେହଳି

କୁସୁମିତ ଜୀବନ କାନନେ
ଇଚ୍ଛା ଅଣାୟତ୍ତ ବଣ ନିଆଁ
ଦେବାପାଇଁ ଜାଳି।

ଭରିଦିଅ ନାହିଁ ବଳେ
ନିସ୍ତରଙ୍ଗ ଲଲାଟରେ
ତୁମ ଈପ୍ସିତ ସିନ୍ଦୂରୀ
ଭିଜା ଅନା ଅଙ୍ଗ
ଛଳନା ରଙ୍ଗରେ
ଏଯାଏ ସଂଶୟ ମୋର
ହୋଇନାହିଁ ଦୂର
ତୁମେ କିବା ସେହି
ପ୍ରେମାସ୍ପଦ ଚଇତାଳି।

ମଳୟ ହିଲ୍ଲୋଳେ ଫୁଟୁଥିବା
କୁହୁକିନୀ କୃଷ୍ଣଚୂଡ଼ା
ଅମାନିଆ ନହୁଲି ବୟସେ
ମନ ମାରି ବସେ
କୋକିଳ କଣ୍ଠରେ ଆଜି
ବେସୁରା ବେହାଗ
ଧୂସର ଆକାଶେ
ବିବର୍ଣ୍ଣ ବର୍ଣ୍ଣାଳି ।

+୧୦୨- ପ୍ରକାଶ ଦୀପ ଟାୱାର
ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୦୬
ମୋ-୯୯୬୮୨୮୦୮୯୬

### ମୁଁ ହୋଲି ଖେଳିବି ନାହିଁ

**ଉମେଶ ଚନ୍ଦ୍ର ଯେନା**



ନା ନା..
ମୁଁ ହୋଲି ଖେଳିବି ନାହିଁ
ସେ ହୋଲିରେ
ଅଲଗା ଅଲଗା ରଙ୍ଗ ନାହିଁ
ଅଭିର ନାହିଁ
ପୁଣି ସେଥିରୁ ବାହାରେ
ଆଇଁଷିଆ ଗନ୍ଧ
ସେଥିରେ ପୁଣି ମାଛି ବସି
ଭଣ ଭଣ ହୋଇ ଗାଏ ଗୀତ ।

ନା ନା...
ମୁଁ ରଙ୍ଗ ବୋଳିବି ନାହିଁ
କାହା ଦେହେ
ସେ ପୁଣି ଚିତ୍କାର କରିବ
ମତେ ସେ କାଠ ଗଡ଼ାରେ ଛିଡା କରିବ
ତା ଦେହରେ ମୋ ହାତ ଚିହ୍ନ
ହେଲେ ସେ ଲୋକ ମୁଁ ନ ଥିବି
ଆଉ କିଏ ହେଇଥିବ ।

ନା ନା...
ମୁଁ ହୋଲି ଖେଳିବି ନାହିଁ
ସେ ରଙ୍ଗ କୁ ଧୋଇବାକୁ ପାଣି ନାହିଁ
ଖାଲି ନାଳ ନର୍ଦ୍ଦମାରେ ପଡ଼ି
ଧୋଇବା କଥା
କିଏ କାହିଁ ମତେ
ଛିଃ ଛିଃ ଥୁଥୁ କରି ଛେପ ପକେଇବ ।

ନା ନା...
ମୁଁ ହୋଲି ଖେଳିବି ନାହିଁ
ସେ ହୋଲିରେ
ରାଧା ନାହିଁ କି କୃଷ୍ଣ ନାହିଁ
କାହା ଦେହେ ରଙ୍ଗ ବୋଳି
ନିଜେ କଳଙ୍କିତ ହେବି କାହିଁ ।

କଲ୍ୟାଣପୁର, ବିଞ୍ଝାରପୁର
ଯାଜପୁର
ମୋ: ୯୯୩୮୩୧୬୭୩୨

### ବରଷକୁ ଥରେ ଆସୁଛି କହ୍ନେଇ

**ଦୀନବନ୍ଧୁ ପୋଇ**

ବରଷକୁ ଥରେ ଆସୁଛି କହ୍ନେଇ
ଦୋଳଯାତରାରେ ଗାଆଁକୁ
ଖୁସିରେ ଗୋପିଏ ଚାହିଁ ବସିଛନ୍ତି
ସଜେଇ ତାଙ୍କର ଗଭାକୁ ।
ପୁରପଲ୍ଲୀ ତାଙ୍କ ସଜେଇ ସୁନ୍ଦର
ଚାହିଁଛନ୍ତି ତାଙ୍କ କାହ୍ନାକୁ
ଭାବି ହେଉଛନ୍ତି ଯମୁନା କୂଳର
ଅତୀତର ସେଇ ସ୍ମୃତିକୁ ।
ଫଗୁଣର ଏଇ ଧରଣୀ କୋଳରେ
ସଜେଇ ବସନ୍ତ ଫୁଲକୁ
ମହମହ ବାସ ବିତରି ଦେଇଛି
କାହ୍ନା ଆସିବାକୁ ଧରାକୁ ।
କି ସୁନ୍ଦର ଆହା କୁସୁମ ବନାନୀ
କିଏ ସରି ତାର ଶୋଭାକୁ
ମହକି ଉଠୁଛି ସବୁଜ ବନାନୀ
ଆକର୍ଷିତ କରେ ମନକୁ ।
ଆନନ୍ଦେ ବାଳକ ଓଗାଳ ଗାଇକି
ଖେଳନ୍ତି ଲଉଡି ଖେଳକୁ
ଚାହିଁଛନ୍ତି ଜନେ ତୁମ ଆଗମନେ
ଆସୁଛ ବୋଲି ଏ ହୋଲିକୁ
ଦେଖିବେ ତୁମରି ଲୀଳାକୁ ।

ଗୋରଡ଼ାପାଳ,ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

### ଫଗୁଣରେ ଅଳି

**କବିତା ପଣ୍ଡା**



ତୁମେ ଯାହା କୁହନା କାହିଁକି ?
ମୁଁ କିନ୍ତୁ ଏଥର ଗାଁ କୁ ଯିବି
ଆସନ୍ତା ଦୋଳ ପୂର୍ଣ୍ଣିମା ତିଥିରେ ।

ତୁମ ଗାଁ ମୋତେ
ଭାରି ଭଲ ଲାଗେ
ଯେବେ ଫଗୁଣ ଆସେ ।
ସବୁ କିଛି ମନ୍ତ୍ର ମୁଗ୍ଧ କରିଦେଲେ
ତମ ମେଳନ ପଡିଆର
ରାଧା ବହ୍ଲବର ରାସ
ବଉଳ ଫୁଲର ବାସ
ପଳାସ ଫୁଲର ନାଲିଟୁକୁଟୁକୁ ବେଶ।
ଭାରି ଭଲ ଲାଗେ ସବୁ କିଛି
ଯେବେ ଫଗୁଣ ଆସେ

ଏଠି ପାଣି ବି ରଂଗ ହୁଏ
ମାଟି ବି ରଂଗ ହୁଏ
ସବୁ ରଂଗ ଭିତରେ ତୁମେ
ଯେବେ ରଂଗିନୀ ସାଜ
ମୋ ମନ ଚହଲି ଯାଏ
ଚହଲା ପାଣି ପରି
ତୁମ ରଂଗରେ ରଂଗିନୀ ହେବାକୁ।
ଯେବେ ଫଗୁଣ ଆସେ
ଅଳି କରି ବସେ ଗାଁକୁ ଯିବି ।

ମଂଗଳପୁର, ସୋର
ବାଲେଶ୍ୱର

### ରଙ୍ଗର ପରବ ହୋଲି

**ସୁନୀଲ କୁମାର ପ୍ରଧାନ**



ରଙ୍ଗର ପରବ ଆସିଛି ସଙ୍ଗାତ
ଖେଳିବାରେ ଆମେ ହୋଲି
ଗାଆଁରୁ ବଜାର ସବୁଠି ଚଞ୍ଚଳ
ଆସୁଅଛି ସତେ ହୋଲି ।

ହୋଲିକା ରାକ୍ଷସୀ ନାମେ ଏହି ପର୍ବ
ହେଉଛି ଭାଇ ପାଳନ
ପ୍ରଭୁ ଭଗବାନ ବର ଦେଇଥିଲେ
ପାଳନ୍ତି ସକଳ ଜନ ।

ଭାଇଚାରା ପର୍ବ ଅଟେ ଏହି ହୋଲି
ନାହିଁ ଏଠି ଭେଦଭାବ
ରଙ୍ଗ ବୋଳି ଦେହେ ଖୁସିରେ ନାଚନ୍ତି
ଆସିଛି ହୋଲି ପରବ ।

ରାଧା କୃଷ୍ଣ ମୂର୍ତ୍ତି ସଙ୍ଗରେ ଧରିଣ
କରନ୍ତି ରଥେ ଭ୍ରମଣ
ଚଣା ଆଉ ହୋଲି ଲାଗି ହୋଇଥାଏ
ନାଚି ଉଠୁଥାଏ ମନ ।

ହୋଲି ପରେ ପଞ୍ଚୁଦୋଳ
ଲୋ ସଙ୍ଗାତ
ଦେଖିବା ପ୍ରଭୁ ମେଳଣ
ଭକତଙ୍କ ଭିଡ଼ ଲାଗି ରହିଥାଏ
ଯାତ୍ରା ପଡ଼ିଆରେ ଜାଣ ।

ଝାଟିପଦର, ପାଲୁର, ଗଞ୍ଜାମ
ମୋ -୭୬୦୯୯୩୪୩୬୬

### ଫଗୁଣରେ ଫଗୁଣ

**କମଳ ଲୋଚନ ପଣ୍ଡା**

ମଳୟ ଆସିଲା ବସନ୍ତ ଛୁଆଁରେ
ହସିଲା ଧରଣୀ ଫୁଲର ଶେଜରେ।
ଫଗୁଣ ଆସିଛି ଅବିର ଆଣିଛି
ଆସିଛି ସଭିଙ୍କ ପ୍ରିୟ ପାର୍ବଣ
କୋଇଲି ଗାଉଛି ମଳୟ ବହୁଛି
ମିଶୁଛି ପ୍ରାଣ ସଙ୍ଗେ ପ୍ରାଣ ।

କେବେଠୁ ଚାହିଁଛି ଏ ନୀଳ ଆକାଶ
ଉଡ଼ିବ କେବେ ଅବୀର,
ସପ୍ତ ରଙ୍ଗେ ନିଜେ ସଜେଇ ହୋଇବ
ଦିଶିବ କେଡ଼େ ସୁନ୍ଦର।

ବରଷକ ପରେ ଫେରିଛି ଏ ହୋଲି
ଆଶା ଉନ୍ମାଦନା ନେଇ,
ଛଳନାର ରଙ୍ଗ ଧୋଇଦେଇ
ଯାଅ ପ୍ରେମେ ବାନ୍ଧି ହୋଇ
ମନରେ ଆବେଗ ଜୀବନରେ ରଙ୍ଗ
ଭରି ଦିଏ ଏଇ ହୋଲି,
ଆସ ଭୁଲିଯିବା ରାଗ ଅଭିମାନ
ପ୍ରୀତିର ରଙ୍ଗ ହେବା ବୋଲି।

ନୀଳଗିରି, ବାଲେଶ୍ୱର
ମୋ: ୭୩୨୭୦୨୮୯୭୮



### ହୋଲି ଆସିଛିରେ

**ଜଗଦୀଶ ସାହୁ**

ଫଗୁଣ ଦୋଳ
ପୁନେଇଁ ବାସିରେ ହୋଲି
ବାପା ଆଣିଦେବେ କିଣି ଅବିର ନାଲି
ଜେଜେ ହାଟରୁ ଆଣିବେ
ନୀଳ ଅବିର
ସାଙ୍ଗମନେ ମନଉଣା କେହି ନକର
ଭାଇଚାରାର ପରବ ବର୍ଷକୁ ଥରେ
ଆସିଛି ଆମରି ପାଇଁ ମରତପୁରେ
ଗାଆଁ କୋଠଘରେ
ଆମେ ଏକାଠି ହୋଇ
ନାଚି ଗାଇ ଆନନ୍ଦରେ ମନ ମଜାଇ
ରାଗ ରୁଷା ମାନ ଅଭିମାନ ଗରବ
ଦୂରେଇ ପାଳିବା ଆମେ
ହୋଲି ପରବ
ରାସାୟନିକ ରଙ୍ଗରୁ ଦୂରରେ ଥିବା
ଶରୀର ଚର୍ମକୁ ଆମେ ସୁରକ୍ଷା ଦେବା
ଆଖି ପାଟି ନାକ କାନ ରଙ୍ଗ ପାଇଁକି
କ୍ଷତି ନହେଉ ଯେପରି ଧ୍ୟାନ ଦେଇକି
ଖୁସିରେ ଖୁସିରେ ରଙ୍ଗ ଅବିର ବୋଳି
କୋଳାକୋଳି ହୋଇ ଆମେ
ମାରିବା ତାଳି
ଆମ ହୋଲି ଖେଳଦେଖି
ମାଆ ମାଉସୀ
ବାପା ଦାଦା ଗୁରୁଜନ
ହୋଇବେ ଖୁସି
ହୋଲି ଆସିଛିରେ ହୋଲି
ଗୀତ ଗାଇବା
ରାଧାକୃଷ୍ଣ ଆଶୀର୍ବାଦ
ଆମେ ପାଇବା !!

+ ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

### ହୋଲି- ଏକ ସମ୍ଭାବନା

**ଦୀପ୍ତି ମିଶ୍ର**

ଏବେ ଦେଖ ଆସିବ ଆସିବ କହି
ବସନ୍ତ ଆସିଗଲାଣି
ଖୁବ୍ ଗୁଡ଼ିଏ ମିଠାପଣକୁ
ଛାତିରେ ଜାକି.....
ସାତ ରଙ୍ଗମାନେ ବି
ଯିଏ ଯାହାର
ସଜବାଜ ହୋଇ ଗଲେଣି
ଜହ୍ନର କିରଣକୁ ମୁହଁରେ ମାଖି .....
କୃଷ୍ଣଚୂଡ଼ାର ପଣତରେ
ଦେହକୁ ସଜେଇ......

ଆଖିରେ ଆଖିଏ ସ୍ୱପ୍ନ ନେଇ
ପ୍ରସ୍ତୁତ ହେଲେଣି...
ଆତ୍ମା ସୁନ୍ଦରୀମାନେ,
ହୋଲିରେ ଭିଜେଇ ଦେବାକୁ
ସାରା ଦୁନିଆଁକୁ ।

ଫଗୁଣର ଫଗୁକୁ ସବୁ ଆଡେ
ବୁଣିଦେଇ ମଳୟ ଗାଉଛି
ପ୍ରେମର ଚଉପଦୀ
ରଙ୍ଗଣୀ ଲତାରେ ଫୁଲ ମାନେ
ପରସ୍ପର ମଧ୍ୟେ ପ୍ରତି ଯୋଗୀତା
ଆରମ୍ଭ କରି ଦେଇଛନ୍ତି.....
ମଧୁଲଗ୍ନା ମୁହୂର୍ତ୍ତରେ କିଏ କେତେ
ଆକର୍ଷଣୀୟା କରି
ସଜାଇ ହେଇ ପାରୁଛନ୍ତି
କାରଣ ଆସିଛି ପରା
ରଙ୍ଗର ପର୍ବ ହୋଲି !!!

ଏଠି ରଙ୍ଗରେ ରଙ୍ଗାୟିତ ହେବାକୁ ଚାହେଁ
ମଧୁଲଗ୍ନାର ପ୍ରତିଟି ମୁହୂର୍ତ୍ତ
ପ୍ରୀତିର ବଳୟରେ
ବାନ୍ଧି ରଖିବାକୁ ଚାହୁଁ ଥିବା
ପାର୍ଥିବ ଓ ଅଶରିରୀ ଆତ୍ମା ମାନେ
ଏଠି ମଧୁମୟ ହୋଇ ଉଠନ୍ତି.....
ଆକାଶ, ନଦୀ, ପାହାଡ, ଝରଣା ସଭିଏଁ
ଭୁଲି ଯାଆନ୍ତି ନିଜ ନିଜର ଅସ୍ତିତ୍ୱ ,
ସମୟ ବି ଆଜି ନିର୍ଲଜ୍ଜ ହୋଇଯାଏ
ନିଜର ବୟସ କି ଆୟୁଷକୁ
ଖାତିର ନ କରି ।

ମଧୁମାସର ପ୍ରେମ ଛିଟିକାରେ
ଆକ୍ରାମାକ୍ତା ହୋଇଥିବା
ଏ ସାରା ବିଶ୍ୱର ବ୍ରହ୍ମାଣ୍ଡ ସୁନ୍ଦରୀ
ରଙ୍ଗୋଲୀ ପଣତରେ
ମୁହଁକୁ ଲୁଚାଇ
ଖୋଜୁଥାଏ ତାର ପ୍ରାଣର ପ୍ରିୟତମଙ୍କୁ
ହୋଲିର ଭାବ ନେଇ.....
କରିବାକୁ କୃଷ୍ଣମୟ
ଏ ତମାମ ଜୀବନକୁ ।

ହେଲେ ସାରା ଜୀବନର ସତ୍ୟକୁ
ଥରେ ହଜେଇଦେଲା ପରେ
ଆଉ କଣ ଥାଏ କି କିଛି ବାକି ?
ଏ ଭଲ ପାଇବାର ରଙ୍ଗ କଣ ଖାଲି
ଚରିତ୍ରହୀନ ନିଦାରୁଣ ସ୍ୱପ୍ନଟିଏ ??

ମନର ଅଭିବ୍ୟକ୍ତିକୁ ନେଇ
ଆତ୍ମାଟିଏ ନିଜକୁ ଖୋଲି ଧରିବାକୁ
ଚେଷ୍ଟା କଲାବେଳକୁ
ଆଖି କୋଣରୁ ଝରି ଆସେ



କେଇ ଟୋପା ତତଲା ଲୁହ.....
ଏ ଆକାଶ, ଏ ପ୍ରକୃତି ସହ
ବନ୍ଧୁତା କରି କିଛି ଗୋଟେ
ନୂତନତ୍ୱ ଖୋଜି ବୁଲେ....
ଭାଗ୍ୟ ସହ କଟି କରେ
ହୋଲିକୁ ଦେହରେ ମାଖେ...
ଆଉ ଅପେକ୍ଷା କରେ,
ଏକ ନୂତନ ସମ୍ଭାବନାମୟ
ସକାଳକୁ ।

+ବାରିପଦା

# ହୋଲି...ହୋଲି-୨୦୨୩



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୭ ମାର୍ଚ୍ଚ, ମଙ୍ଗଳବାର, ୨୦୨୩

## ରଙ୍ଗ ନାଲି ନାଲି

**ତାରାପ୍ରସାଦ ଜେନା**

ଏଇ ନାଲି ନାଲି ଅବିରକୁ ଗୋରୀ
ମିଛେ କରୁ ଖାଲି ଭୟ
ତୋର ଓଠ ନାଲିରଙ୍ଗ ହେଲେ ସାଙ୍ଗ
ପ୍ରେମେ ଲାଗେ ସତେ ଜୟ
ଏଇ ନାଲି ନାଲି ଅବିରକୁ ଗୋରୀ...

ଚିକଣିଆ ଗାଲ ଲାଜ ଲାଜ ତୋର
କେଡ଼େ ଦିଶେ ଆହା ନାଲି
ସାଉଁଳିଲେ ଗାଲ ଅବିରକୁ ଲେସି
କହୁ ସିନା ଠେଲି ମଲି,
ମନେ ମନେ ନିଜେ ହସୁଥାଉ ଭାରି
ପଣତକୁ ଭିଡ଼ି ଥୟ
ଏଇ ନାଲି ନାଲି ଅବିରକୁ ଗୋରୀ...

ଉଲୁସିଆ ମନ ନାଲି ନାଲି ରଙ୍ଗ
ଧନ୍ୟ ଲାଗେ କାଳ ବେଳ
ଅପୂରବ ସତେ ଜୀବନର ଛବି
ଆଶା ନିଶା ରଙ୍ଗ ଖେଳ,
ଛାତି ଆଉଜାଇ ଆଖି ଆଖି ଯୋଖି
ସପନର ରଙ୍ଗ ଲୟ
ଏଇ ନାଲି ନାଲି ଅବିରକୁ ଗୋରୀ...

+ ରାଜ ରଣପୁର, ଜିଲ୍ଲା-ନୟାଗଡ଼
ପିନ୍-୭୫୨୦୨୬
(ମୋ) ୯୩୪୮୦୫୪୩୦୦

## ରଙ୍ଗ ପରବରେ

**ପୁଷ୍ପାଞ୍ଜଳି ପଣ୍ଡା**

ରଙ୍ଗ ପରବରେ
କେହି ଜଣେ ରଙ୍ଗ ଲଗାନ୍ତା କି !!
ଏଇ ହୋଲିରେ,ରଙ୍ଗ ପରବ ରେ
ମତେ ରଙ୍ଗିଲା କରନ୍ତା କି !!
ନାଲି ନୀଳ ଗୋଲାପି ଅବିରରେ।
ଲୁଚି ଲୁଚି ପଛ ପଟୁ ଆସି
ମୁହଁ ସାରା ବୋଳି ଦିଅନ୍ତା
ଫଗୁଣର ଫଗୁ ରଙ୍ଗ
ଲୁଚି ଯାଆନ୍ତା
ସବୁ ଦୁଃଖ ଯନ୍ତ୍ରଣା ର ଭାବା।
ଫେରି ଆସନ୍ତି ହଜି ଯାଇଥିବା
ସମୟର ଛାଇରେ
ଦୋଳଯାତରାର ଗହଳି
ଦୋଳ ବିମାନ, ରାଇ ଦାମୋଦର,
ହୋଲିକା ଦହନ ।
କରାମତି ମୁଠାଏ ଅବିରର
ଦେଖାଇଦିଏ ଖୁସୀ ଆନନ୍ଦ ର।
ଭାଇଚାରାର ପ୍ରେମର ସୌହାର୍ଦ୍ଦ୍ୟର
ସଠିକ୍ ଉଚ୍ଚାରଣ
ହୋଲିର ରଙ୍ଗ କମାଣ।।
ସେଇ ଗୋଲାପି ରଙ୍ଗର ରଙ୍ଗ
ନେସି ହେଇଯାଆନ୍ତା କି..!!
ଅଳ୍ପ ଖରା ଅଳ୍ପ ଶୀତରେ
ଏଇ ହୋଲିରେ
ରଙ୍ଗୀଲା ହେବାକୁ
ରଙ୍ଗରେ ବୁଡିବାକୁ
ମନେଇ ନିଅନ୍ତା କି..!!

+ଷ୍ଟାଟିଷ୍ଟିକାଲ ଅଫିସର
କେନ୍ଦ୍ରାପଡ଼ା

## ବିମାନେ କୃଷ୍ଣ ବସିଛନ୍ତି

**ଅନନ୍ତ କୁମାର**

ଆନନ୍ଦ ଉଲ୍ଲାସ ଭରି ଆସ ତୁମେ
କୃଷ୍ଣ ରୂପରେ ଦୋଳବିମାନେ
ଫଗୁଣର ଫଗୁ ବୋଳି ଦେଇ ପୁଣି
ରହିଯାଅ ସଭିଙ୍କ ସ୍ପନ୍ଦନେ।

ଭକ୍ତଙ୍କ କାନ୍ଧରେ ଝୁଲି ଝୁଲି ଆସ
ବିମାନ ଭିତରେ ବସି
ରାଧାଙ୍କ ପ୍ରେମରେ ପୁଣି ହଜି ଯାଅ
ସ୍ୱପ୍ନରେ ବଜାଇ ବଂଶୀ।

ନଗର ଭ୍ରମଣ କରିବାକୁ ଆସ ତୁମେ
ବରଷକେ ଥରେ
ପ୍ରେମର ବାରତା ବୁଣିଦେଇ ପୁଣି ଯାଅ
ଭକତଙ୍କ ମନେ।

ବିମାନେ ବସି ଖାଅ ଲୁଚି ଲୁଚି
ଭକ୍ତଙ୍କ ହାତରୁ ଭୋଗ
ଗାଆଁ ଦାଣ୍ଡେ ପୁଣି ବୁଲି ବୁଲି
ଖେଳ ତୁମେ ହୋଲି ରଙ୍ଗ।

କେତେ ଆନନ୍ଦ ଲାଗଇ ତୁମ ଦର୍ଶନ
ଦୋଳବିମାନେ
କେତେସୁନ୍ଦର ଦିଶଇରେ ଗାଆଁ ଦାଣ୍ଡ
ଅବିର ରଙ୍ଗେ।

ଆସୁ ଥାଅ ତୁମେ ବିମାନେ ବସି
ଏମିତି ପ୍ରତି ଦୋଳଯାତରେ
ଲାଗୁଥାଉ ତୁମରି ଭାବ ପ୍ରିତୀ
ସବୁ ଯୁଗ ଜନ୍ମ ଜନ୍ମାନ୍ତରେ ।

+ କାର୍ଯ୍ୟକାରୀ ସମ୍ପାଦକ,
ଜାତୀୟ କବି ଲେଖକ ସଂଗଠନ
ତିହିଡି, ଭଦ୍ରକ
(ମୋ) ୮୩୩୯୯୩୯୯୨୯

## ହୋଲି ରଙ୍ଗ ଚର୍ଚ୍ଚା ଚାରିଆଡ଼େ

**ସୁରେନ୍ଦ୍ର ନାଥ ସାହୁ**

ପଳାଶ ଆୟୁଷ ଲାଗଇ ଷୋଡଶ
ନବ ଯୌବନ ରଙ୍ଗ ରକ୍ତିମା
ଅଶୋକ ଗଜେରା ପିନ୍ଧିଣ ପ୍ରକୃତି
ଲାଗେ ଅଲିଅଳୀ ରାଜଜେମା।
ହାଲ୍କା ହଳଦିଆ ରଙ୍ଗ ମାଖି ମୁକୁଳ
ହୋଇଅଛି ଅନ୍ତଃସତ୍ତ୍ୱା
କଳା କୋଇଲିର କୁହୁକ ଡାକରେ
ବାସନ୍ତୀ ଲାଗେ ସ୍ୱର ସୁତା।
ସବୁଜ ରଙ୍ଗର ଦେଶୀ ଶାଢୀ ପିନ୍ଧି
ବଣ ବଗିଚା ଉଚ୍ଛୁଳେ
ରାତି ରସାଳସୀ ଶୁଭ୍ରାଙ୍ଗୀ ନିଶିଗନ୍ଧା
ହୃଦୟକୁ ହରେ ବଳେ।
ଆକାଶ ଟାଣିଅଛି ସୁନୀଳ ଚାନ୍ଦୁଆ
ନୀଳମଣି ଦେହକାନ୍ତି
ନୀଳ ସମୁଦ୍ର ମାରେ ଲହଡି ସହର୍ଷେ
ରେଶମ ଝାଲର ବାନ୍ଧି।
ରଙ୍ଗୀନ୍ ପ୍ରଜାପତି ମନଲୋଭେ ଅତି
ଖେଳିଣ ଡାଳରୁ ଡାଳେ
ମଧୁର ମିଳନର ଶୁଭ ଶଂଖ ଫୁଙ୍କୁଛି
ମଧୁକର ଭଁ ଭଁ ରୋଳେ।
ନବୀନ ପୁଲକର ଆଶାର ଆଲୋକ
ଦକ୍ଷିଣା ପବନ ବାଢେ।
ଦୋଳଯାତ୍ରା ପରେ ହୋଲିକା ଦହନ
ହୋଲି ରଙ୍ଗ ଚର୍ଚ୍ଚା ଚାରିଆଡ଼େ।

+କଳାମ୍ବ (ଡିହସାହି)
ପୋଲସରା, ଗଞ୍ଜାମ-୭୬୧୧୦୫
ମୋ: ୮୧୨୮୯୧୯୨୫୬

## ଦୋଳ ଭୋଗଖିଆ

**ଶିବ ପ୍ରସାଦ ବାହିନୀପତି**

ବସନ୍ତ ଋତୁରେ ଫଗୁଣ ମାସରେ
ବସନ୍ତ ମଳୟ ଯେବେ ଝରେ
ବରଷକେ ଥରେ ଧରା ବକ୍ଷ ପରେ
ଦୋଳ ପୁନେଇଁଟି ଅବତରେ ।୧
ଦୋଳ ବିମାନରେ ବିଜେ ଦୁଇ ମୂର୍ତ୍ତି
କୁମୁଦେଶ୍ୱର ଚନ୍ଦନେଶ୍ୱର
ଦ୍ୱାବିଂଶ ମଉଜା ଠାକୁର ଶଙ୍କର
ଉଭା ହୋଇଥା'ନ୍ତି ପ୍ରତି ଦ୍ୱାର ।୨
ଦ୍ୱାରେ ଦ୍ୱାରେ ଶୋଭା ପ୍ରତି ଉପବାସେ
ଖଞ୍ଜା ଶୁଭ କଳଶ ନୈବିଦ୍ୟ
ଘଣ୍ଟଘଣ୍ଟା ମାଡ଼ ମୃଦଙ୍ଗ କାହାଳୀ
ବାଜେ ଶଙ୍ଖନାଦ ନାନା ବାଦ୍ୟ ।୩
ଭକ୍ତିରେ ଆତୁର ଗ୍ରାମେ ଗ୍ରାମବାସୀ
ଫଗୁ ଅବିର ଲେପି ସ୍ୱଅଙ୍ଗେ
ହରିବୋଲ ନାଦ ହୁଳହୁଳି ଶବ୍ଦ
ଆହାକି ମଧୁର ଲାଗେ ।୪
ଦୋଳ ଭୋଗଖିଆ ପୁନେଇଁ ମଉଜ
ସବୁ ପରବଠୁ ସେ ନିଆରା
ପ୍ରଭୁଙ୍କ ଦର୍ଶନେ ପାପ ଧୋଇଯାଏ
ବିଚିତ୍ର ପ୍ରଭୁଙ୍କର ସେ ଲୀଳା ।୫
ଭକ୍ତିରେ ପ୍ରଣମେ ଦୀନଦୁଃଖୀ ଶିବ
ଶିବଶଙ୍କର କରନ୍ତୁ ଦୟା
ଶିବ ନାମ ଜପି ଶିବ ପାଉ ମୁକ୍ତି
କି ବର୍ଣ୍ଣିବ ଶିବ ପ୍ରଭୁଙ୍କ ମାୟା ।୬

+ ପ୍ରତିଷ୍ଠାତା/ମୁଖ୍ୟସମ୍ପାଦକ - ସୁଦେଷ୍ଣା
ପ୍ରମୋଦ ସାହିତ୍ୟ ସଂସଦ
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ
(ମୋ) ୮୯୧୭୪୮୦୫୩୬

# ପିଲାଙ୍କ ପାଇଁ ହୋଲି

**ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଫଗୁଣର ମହକକୁ ସଜେଇ ସାଜି ଫଗୁ ଫଗୁଣର ହୋଲି । ତେବେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଅଭିର ଆନନ୍ଦ ଠାରୁ ରଙ୍ଗ ପିଚକାରୀ ଖେଳର ହୋଲି ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସତର୍କତା ରହିଛି । ପ୍ରାୟତଃ ଗ୍ରୀଷ୍ମ ଛୁଟି ସମୟ ହୋଇଥିବାରୁ ପିଲାମାନେ ଏହି ଫଗୁଣର ଆନନ୍ଦରେ ହଜାଇବାକୁ ଚାହାଁନ୍ତି । ତେବେ ପିଲାମାନଙ୍କ ପାଇଁ ସତର୍କତାର ଅଭାବ ରହିଲେ ଏହା ସେମାନଙ୍କ ପାଇଁ ହୁଏତ କଷ୍ଟର କାରଣ ବି ହୋଇପାରେ । ପ୍ରାୟତଃ ଦେଖାଯାଇଥାଏ ପିଲାମାନେ ହୋଲିରେ ବେଶ୍ ଖୁସି ମଜାସ୍ ଭିତରେ ସମୟକୁ କଟାଇବାକୁ ଚାହିଁଥାନ୍ତି । ଏହା ଭିତରେ ସେମାନେ ରଙ୍ଗର ତାତ୍ପର୍ଯ୍ୟତା ଓ ବୈଜ୍ଞାନିକ କାରଣ ଏହା ସହ ତତ୍‌ଜନିତ କୁପ୍ରଭାବ ସମ୍ପର୍କରେ ଚିନ୍ତା କରିବାର ସୁଯୋଗ ସମ୍ଭବତଃ ପାଇନଥାନ୍ତି । ପିଲମାନେ ସ୍ୱାଭାବିକ ଭାବେ ଖେଳକୁଦ କରି ସମୟକୁ ବେଶ୍ ହସଖୁସି ସହ କଟାଇବାକୁ ଚାହୁଁଥିଲେ ବି ସାମାନ୍ୟ ସତର୍କତାର ଅଭାବ ରହିଲେ ଏହା ପିଲାମାନଙ୍କ ପାଇଁ କଷ୍ଟ ଓ ଯନ୍ତ୍ରଣାର ଅବସର ସୃଷ୍ଟି କରିଥାଏ ।

ବର୍ତ୍ତମାନ ବଜାରରେ ଯେଉଁ ପ୍ରକାର ରଙ୍ଗ ବିକ୍ରୀ ହେଉଛି ତାହା କୋମଳମତି ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ କି ନୁହେଁ ଏହା ହିଁ ସବୁଠାରୁ ବଡ଼ ପ୍ରଶ୍ନ । କାରଣ ରଙ୍ଗ ବେପାରୀମାନେ ବୁଝି ନଥାନ୍ତି ଯେ ଏହା ପିଲାଙ୍କ ପାଇଁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଠିକ୍ ବା ଭୁଲ ? ଅଧିକାଂଶ କ୍ଷେତ୍ରରେ ଦେଖାଯାଇଥାଏ ପିଲମାନେ ସର୍ବପ୍ରଥମେ ଚର୍ମ ସମସ୍ୟା ଠାରୁ ଆଖି ସମସ୍ୟା ଏପରିକି ଭେଷଜ ସମସ୍ୟା ଠାରୁ ଶିଶୁରୋଗ ବିଭାଗର ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହୋଇଥାନ୍ତି । ପ୍ରଥମତଃ ପିଲାମାନେ ଆନନ୍ଦ ସହକାରେ ହୋଲିରେ ନିଜକୁ ହସଖୁସିର ସହିତ ପରିବାର କେହିବି ହୁଅନ୍ତୁ ବା ସାଙ୍ଗସାଥୀ ଖୁସିରେ କଟାଇବାକୁ ଚାହାଁନ୍ତି କିନ୍ତୁ ବର୍ତ୍ତମାନ କେତେକ କ୍ଷେତ୍ରରେ ରଙ୍ଗ ବ୍ୟବସାୟୀମାନେ କୁପ୍ରଭାବ ରହୁଥିବା ରଙ୍ଗ ସମ୍ମିଶ୍ରଣକୁ ମିଶାଉଥିବାରୁ ଏହା ପରବର୍ତ୍ତୀ ସମୟରେ ପିଲାଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଥିଲେବି ସେମାନେ କିନ୍ତୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଚିନ୍ତା କରିନଥାନ୍ତି । କିନ୍ତୁ ବଡ଼ ଖୁସିର କଥା ସରକାର ହୋଲି ସମୟରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଖବରକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତା କରି ରାଜ୍ୟର ବଡ଼ ମେଡ଼ିକାଲ ହେଉ ବା ଶିଶୁଭବନ, ଜିଲ୍ଲା ହସ୍‌ପିଟାଲ ହେଉ ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସବୁଠାରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ଚିକିତ୍ସା ବା ପରାମର୍ଶକୁ ଗୁରୁତ୍ୱ ଦେଇଥାନ୍ତି । ପିଲାମାନେ ସ୍ୱଭାବିକ ଭାବରେ ଖେଳ ଓ ଆନନ୍ଦ ପ୍ରିୟ ହୋଇଥିବାରୁ ସେମାନେ ପରବର୍ତ୍ତୀ ତତ୍‌ଜନିତ ପାର୍ଶ୍ୱପ୍ରତିକ୍ରିୟାକୁ ଚିନ୍ତା କରିନଥାନ୍ତି ଯାହାକି ସବୁଠାରୁ ବଡ଼ ସମସ୍ୟାର କାରଣ ହୋଇଥାଏ । ଅଭିରର ରଙ୍ଗ ଗୁଣ୍ଡ କେତେକ କ୍ଷେତ୍ରରେ ଖରାପ ହୋଇପାରିନଥାଏ ସତ କିନ୍ତୁ ବର୍ତ୍ତମାନ ବଜାରରେ ବିକ୍ରୀ ହେଉଥିବା ରାସାୟନିକ ରଙ୍ଗଯୁକ୍ତ ଅଭିର ହେଉ ବା ହୋଲି ପିଚ୍‌କାରୀର ରଙ୍ଗ ଏହା ନିଶ୍ଚିତ ଭାବେ ପିଲାମାନଙ୍କ ବିଶେଷ କରି ଚର୍ମ କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି କରିଥାଏ। ଦ୍ୱିତୀୟତଃ ପିଲାମାନେ ବେଳେ ବେଳେ ରଙ୍ଗ ବୋଳିବା କ୍ଷେତ୍ରରେ ଚକ୍ଷୁକୁ ଗୁରୁତ୍ୱ ଦେଉନଥିବାରୁ ଏହା ସବୁଠାରୁ ମୂଲ୍ୟବାନ ଚକ୍ଷୁକୁ ହିଁ ପ୍ରଭାବିତ କରିବାର ସମ୍ଭାବନାକୁ ସୃଷ୍ଟି କରିପାରେ ଯାହାକି ପରବର୍ତ୍ତୀ ସମୟରେ କୋମଳମତି ପିଲାଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଥାଏ ।

ସବୁଠାରୁ ବଡ଼ ଖୁସିର କଥା ବିଶେଷକରି ହୋଲି ସମୟରେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଭାବରେ ତତ୍ପରତା ପ୍ରକାଶ ପାଇଥାଏ । ଏହାର ଯଥେଷ୍ଟ ପୂର୍ବରୁ ଗଣମାଧ୍ୟମରେ ପିଲାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କତା ସମ୍ବନ୍ଧରେ ବିଭିନ୍ନ ସଚେତନଧର୍ମୀ, ବିଜ୍ଞାପନ ଓ ଲେଖା ପ୍ରକାଶ ପାଇଥାଏ । ପିଲାମାନଙ୍କ ପାଇଁ ହୋଲି ଓ ରଙ୍ଗର ମହାପାର୍ବଣ ବେଶ୍ ହସଖୁସିରେ ବିତୁ ଏହା ସମସ୍ତେ ଚାହିଁଥାନ୍ତି କିନ୍ତୁ ସାମାନ୍ୟ ଅସତର୍କତା ରହିଲେ ଏହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ କଷ୍ଟର ସମସ୍ୟାକୁ ନେଇ ଏକ ବିରାଟ ବଡ଼ ପାହାଡ଼ ସୃଷ୍ଟି କରିଥାଏ। ଏହି ସମୟରେ ପ୍ରାୟତଃ ବିଦ୍ୟାଳୟ ଓ ଶିକ୍ଷାୟତନ ଛୁଟି ନେଉଥିବାରୁ ପିଲାମାନେ ଛୁଟି ଅବସର ପାଇ ରଙ୍ଗ ଓ ଫଗୁଣର ମହୋତ୍ସବକୁ ବେଶ୍ ହସଖୁସିର ସହିତ ପାଳନ କରୁଥିଲେ ବି ସେମାନଙ୍କର ସାମାନ୍ୟ ସତର୍କତାର ଅଭାବ ପରବର୍ତ୍ତୀ ସମୟରେ ଅତ୍ୟନ୍ତ କଷ୍ଟକର ମୁହୂର୍ତ୍ତ ସୁଯୋଗକୁ ନେଇ ସୃଷ୍ଟି କରିଥାଏ । ସମ୍ପ୍ରତି ସରକାର ସବୁଠାରୁ କ୍ଷୁଦ୍ରତମ କୁହାଯାଉଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହେଉ ବା ଗୋଷ୍ଠୀସ୍ତରୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ହେଉ ବା ସବୁଠାରୁ ଶିଶୁରୋଗ ବିଭାଗ ପାଇଁ ସର୍ବାଧିକ ସ୍ୱାସ୍ଥ୍ୟ ସେବା ଗୁରୁତ୍ୱକୁ ପ୍ରାଥମିକତା ଦିଆଯାଉଥିବା କଟକର ଶିଶୁଭବନ, ହୋଇପାରେ ସବୁଠାରୁ ବଡ଼ ହସ୍‌ପିଟାଲ । ରାଜ୍ୟ ସରକାର ଏହି ନିଷ୍ପାପ କୋମଳମତି ଶିଶୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ ଚିନ୍ତା କରି ସେମାନଙ୍କ ଚିକିତ୍ସା ଓ ପରାମର୍ଶକୁ ଅଧିକ ଗୁରୁତ୍ୱ ଦେଇ ଚିକିତ୍ସା ସେବାକୁ ତ୍ୱରାନ୍ୱିତ କରିଥାନ୍ତି । ଏହାକୁ ଚିନ୍ତା କରି ପ୍ରାୟତଃ ଶିଶୁରୋଗୀମାନେ ସରକାର ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆପଣାଇଲେ ନିଶ୍ଚିନ୍ତ ଭାବେ ପିଲାମାନେ ବେଶ୍ ହସଖୁସିର ସହିତ ହୋଲିକୁ ପାଳିପାରିବେ ଏଥିରେ ଦ୍ୱିରୋକ୍ତି ନାହିଁ।

+ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ମୋ: ୯୪୩୭୧୨୪୦୭୪

# ପୁରାଣ ପୃଷ୍ଠଭୂମିରେ ଓଳକଣା ମେଳଣ...

**ଶୁଭେନ୍ଦୁ କୁମାର ଭୂୟାଁ**

ଓଡ଼ିଶାର ଧର୍ମୀୟ ଓ ସାଂସ୍କୃତିକ ଚିନ୍ତା ଓ ଚେତନାରେ ଦୋଳପର୍ବର ଆବାହନୀ ନିଆରା ଓ ଅନନ୍ୟ ସାଧାରଣ । ସାରା ଭାରତରେ ଏହା ଏକ ସ୍ମରଣୀୟ ଗଣପର୍ବ ଭାବରେ ମଧ୍ୟ ସ୍ୱୀକୃତ । ପରମ ପ୍ରେମମୟ ପୁରୁଷୋତ୍ତମ ଶ୍ରୀକୃଷ୍ଣ ଓ ପ୍ରେମର ରାଣୀ ଶ୍ରୀରାଧାଙ୍କ ମିଳନ, ଏହି ଦୋଳୋତ୍ସବର ମୁଖ୍ୟ ଆଧାର । ଶ୍ରୀକ୍ଷେତ୍ରରେ ପାଳିତ ଦୋଳମିଳନ, ଧର୍ମଶାଳାରେ ଅନୁଷ୍ଠିତ ପୁରାତନ ମୁନ୍‌ସୀ ମେଳଣ, ନେମାଳପୀଠର ଦୋଳଯାତ୍ରା, ବ୍ରହ୍ମଗିରିରେ ହରିହର ଭେଟ, ଏବଂ ନୃସିଂହନାଥଙ୍କ ଦୋଳପର୍ବ, ବୟାଳିଶ ମୌଜାର ଗୋପୀନାଥ ଦୋଳ ଭଳି ଅବିଭକ୍ତ କଟକ ଜିଲ୍ଲାର ଓଳକଣା ମେଳଣ ଏକ ଅନନ୍ୟ ସାଧାରଣ ଦୋଳମିଳନ ଭାବରେ ସର୍ବଜନବିଦିତ । ସଚରାଚରେ ପାଳିତ ହେଉଥିବା ଦୋଳମିଳନ ଯାତ୍ରାଠାରୁ ଓଳକଣା ମେଳଣରେ କିଛିଟା ସ୍ୱାତନ୍ତ୍ର୍ୟ ତାକୁ ଅନ୍ୟ ଦୋଳଯାତ୍ରାଠାରୁ ଅଧିକ ମର୍ଯ୍ୟାଦା ପ୍ରଦାନ କରିଛି । ଲୋକମୁଖରେ ପ୍ରଚଳିତ ଅଛି- "ଓଳକଣା ମେଳଣ, ଆଳିରାଜା ଝୁଲଣ, କୋଇଲର ରାମନବମୀ, ପୁରସ୍ତମ ଚନ୍ଦନ" ଗୀତିକଥାଟି ଏହି ଯାତ୍ରାର ପ୍ରାଚୀନତମ ପରମ୍ପରାକୁ ଉଜ୍ଜୀବିତ କରାଇଥାଏ । ପୁରୁଷୋତ୍ତମ କ୍ଷେତ୍ରର ଚନ୍ଦନଯାତ୍ରା, କୋଇଲ (ଅସୁରେଶ୍ୱର)ର ଶ୍ରୀରାମନବମୀ ଉତ୍ସବ ଓ ଆଳିର ଝୁଲଣ ଯାତ୍ରା ଭଳି ଓଳକଣା ମେଳଣ ମଧ୍ୟ ବେଶ୍ ପ୍ରସିଦ୍ଧିଲାଭ କରିଥିଲା- ଆମ ଜନମାନସରେ । ସାରା ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ସୁପ୍ରସିଦ୍ଧ ଦୋଳମେଳଣ ଯାତ୍ରାଠାରୁ ଓଳକଣା ମେଳଣ ଅନ୍ୟ କେତୋଟି ଦୃଷ୍ଟିକୋଣରୁ ବି ବେଶ୍ ନିଆରା । ସ୍ୱାଭାବିକ ଭାବରେ ମେଳଣ ଯାତ୍ରାରେ ଆସୁଥିବା ଠାକୁରବାଡ଼ି ଗୁଡ଼ିକର ବିମାନକୁ ଆନୁଷ୍ଠାନିକ ଭାବରେ ନିମନ୍ତ୍ରଣ କରାଯିବା ସହିତ ଯଥାବିଧି ବିଦାକି ସମ୍ମାନ ଦେବାର ପରମ୍ପରା ଥାଏ । କିନ୍ତୁ ଓଳକଣା ଯାତ୍ରାରେ ଅଂଶଗ୍ରହଣ କରୁଥିବା ପ୍ରାୟ ଦେଢ଼ଶହରୁ ଅଧିକ ବିମାନଙ୍କୁ ଆମନ୍ତ୍ରଣ କରାଯାଇ ନଥାଏ । ବହୁ ପ୍ରାଚୀନ କାଳରୁ ଆୟୋଜିତ ଏହି ଦୋଳ ଯାତ୍ରାରେ ଠାକୁରମାନେ ଆପଣାଛାଏଁ ଆସିଥାନ୍ତି । ଠାକୁରମାନଙ୍କୁ ମଧ୍ୟ ବିଦାକି ଦିଆଯାଇନଥାଏ । ଥାଟବାଟ, ରଙ୍ଗରୋଷଣୀର ଭିଡ଼ରେ ମହାଆଡ଼ମ୍ବରରେ ଆସୁଥିବା ବିମାନଗୁଡ଼ିକୁ କିନ୍ତୁ ସୁନ୍ଦର ଭାବରେ ପରିଚର୍ଯ୍ୟା କରାଯାଇଥାଏ । ମେଳଣ ପରେ ଦେବସଭା ଭଙ୍ଗପରେ ଠାକୁରମାନେ ବ୍ରାହ୍ମମୁହୂର୍ତ୍ତରେ ବିଦାୟ ନେଲାବେଳେ ସେମାନଙ୍କ ସାମ୍ନାରେ ବିଛା ହୋଇଥିବା ନବବସ୍ତ୍ର ବିପୁଳ ନୈବେଦ୍ୟର ସମ୍ଭାରରେ ଭରିଯାଇଥାଏ ।

ଦୋଳମିଳନ ଶ୍ରୀରାଧା-କୃଷ୍ଣଙ୍କ ଚେତନାର ପ୍ରତୀକ । କିନ୍ତୁ ଓଳକଣା ମେଳଣର ପୃଷ୍ଠଭୂମି ସୃଷ୍ଟିକର୍ତ୍ତା ଶ୍ରୀହରି ଓ ସଂହାର କର୍ତ୍ତା ହରହର ମହାଦେବଙ୍କ ମିଳନର ବାର୍ତ୍ତା ପ୍ରଚାର କରିଥାଏ । କାରଣ ଓଳକଣା ମେଳଣର ଉତ୍ପତ୍ତି 'ହରି-ହର ଦର୍ଶନ' ମୂଳଭିତ୍ତି ଉପରେ ହିଁ ପ୍ରତିଷ୍ଠିତ । ପରମଭକ୍ତ ମହାତ୍ମା ବିଦୁରଙ୍କ ଭକ୍ତି ଓ ସମର୍ପଣ ଭାବରେ ସନ୍ତୁଷ୍ଟ ହୋଇ ଭକ୍ତର ମନୋବାଞ୍ଛା ପରିପୂରଣ ପାଇଁ ଶ୍ରୀକୃଷ୍ଣ ତାଙ୍କୁ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହର ରୂପରେ ଦର୍ଶନ ଦେବାକୁ ସମ୍ମତି ପ୍ରଦାନ କରିଥିଲେ । ଓଳକଣା ମେଳଣର ଅନ୍ତିମ ତିଥିରେ ସୂକ୍ଷ୍ମରୂପୀ ବିଦୁରଙ୍କ ସମେତ ସମାଗମ ସହସ୍ରାଧିକ ଭକ୍ତଜନ ଏହି ଦେବଦୁର୍ଲ୍ଲଭ ରୂପ ଦର୍ଶନ କରିଥାନ୍ତି । ଏହି ମେଳଣକୁ ବିଜେ ହୋଇଥିବା ଶତାଧିକ ବିମାନଗୁଡ଼ିକରେ ରାଧାକୃଷ୍ଣଙ୍କର ବିଗ୍ରହ ଆସିଥିଲା ବେଳେ ଏକମାତ୍ର ଭଦ୍ରେଶ୍ୱରଙ୍କ ବିମାନରେ ରାଧାକୃଷ୍ଣଙ୍କ ସହିତ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରଙ୍କ ପ୍ରତୀକ 'ହର' ହିଁ ଓଳକଣା ମେଳଣକୁ ଆସିଥାନ୍ତି ।



ମାହାଙ୍ଗାର ଭଦ୍ରେଶ୍ୱର ଗ୍ରାମରୁ ଆସୁଥିବା ଶ୍ରୀ ବୀରଭଦ୍ରେଶ୍ୱର ବିମାନ ଓଳକଣା ମେଳଣର ଅନ୍ୟତମ ଆକର୍ଷଣ । କାରଣ ସେ ହେଉଛନ୍ତି ମେଳଣପଡ଼ିଆର ଅଧିପତି। ଭଦ୍ରେଶ୍ୱର ବିମାନରେ ଠାକୁର 'ରାଧାକୃଷ୍ଣ'ଙ୍କ ବିଗ୍ରହ ସହିତ ଶିବଶକ୍ତିର ପ୍ରତୀକ 'ଚୂଳମାଳ' ଆସିଥାଏ । ମେଳଣକୁ ଆସିବା ଦିନ ଭଦ୍ରେଶ୍ୱର ଶୈବମନ୍ଦିରରେ ବଡ଼ପଣ୍ଡା ଚୂଳମାଳ ଚଢ଼ାଇବା ସହିତ ପହଡ଼ ପକାଇଥାନ୍ତି । ଇତିମଧ୍ୟରେ ବିମାନରେ ରାଧାକୃଷ୍ଣ ବିଗ୍ରହ ଗ୍ରାମରୁ ଭୋଗ ଖାଇ ଆସିବା ପରେ ଅନ୍ନପ୍ରସାଦ ଅର୍ପଣ କରାଯାଇଥାଏ । ଏହାପରେ ବୀରଭଦ୍ରେଶ୍ୱରଙ୍କ ପାଖରୁ ଭଗବତୀଙ୍କୁ ଅବିର ଦିଆଯାଇଥାଏ । ରାଧାକୃଷ୍ଣଙ୍କ ବିଗ୍ରହ ସହ ଯାତ୍ରା ପାଇଁ 'ହର'ଙ୍କର ପ୍ରତୀକ ଭାବରେ ଅର୍ପଣ କରାଯାଇଥିବା ଚୂଳମାଳ ଭଦ୍ରେଶ୍ୱରଙ୍କଠାରୁ ଛାଏଁ ଖସିଥାଏ । ଏହା ଖସିଲେ ଶ୍ରୀ ବୀରଭଦ୍ରେଶ୍ୱରଙ୍କ ଆଦେଶ ବୋଲି ଗ୍ରହଣ କରାଯାଏ । ଏହାପରେ ଚୂଳମାଳକୁ ନେଇ ରାଧାକୃଷ୍ଣ ବସିଥିବା ପୁଷ୍ପକବିମାନରେ ସ୍ଥାପନ କରାଯାଇଥାଏ। ଏହି ଚୂଳମାଳକୁ ଜଗିବା ପାଇଁ ଦୁଇଟି ତମ୍ବାନିର୍ମିତ ନାଗବିଗ୍ରହ ଦ୍ୱାରପାଳ ରୂପରେ ବିମାନରେ ସ୍ଥାପିତ ହୋଇଥାନ୍ତି। ସୂଚନାଯୋଗ୍ୟ ଯେ, 'ଚୂଳମାଳ'ରେ ଫୁଲ, ଚୂଆ, ବେଲପତ୍ରୀ ସ୍ଥାପିତ ହୋଇଥାନ୍ତି । ପୁଷ୍ପକବିମାନ ମେଳଣକୁ ଯାତ୍ରାରମ୍ଭ କରିବା ପୂର୍ବରୁ ତାଙ୍କୁ ମଙ୍ଗଳ ଆରତୀ କରାଯାଇଥାଏ । ଏହାକୁ 'ବିଜେ ଆଳତୀ' ବା 'ବିଜୟୀ ଆଳତୀ' ମଧ୍ୟ କୁହାଯାଏ । ଆଳତୀ ସମୟରେ ଉପସ୍ଥିତ ଭକ୍ତବୃନ୍ଦ ନିଜର ଅଭୀଷ୍ଟ ପୂରଣ ପାଇଁ ମାନସିକ ମଧ୍ୟ କରିଥାନ୍ତି । ଲୋକମୁଖରେ ପ୍ରବାଦ ରହିଛି ଏହି ମେଳଣକୁ ବିମାନ ବାହାରିବା ସମୟରେ ଘୋର ଗର୍ଜନ ସହିତ ଘୁ ଘୁ ନାଦ ମଧ୍ୟ ଶୁଣାଯାଇଥାଏ । ରାଜସ୍ୱ ଗ୍ରାମ ଗୋବିନ୍ଦପୁରର ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କୁ ଅବିର ପ୍ରଦାନ କରି ସେଠାରୁ ଆଜ୍ଞାମାଳ ଆସିବା ପରେ ହିଁ ବିଜୟୀ ଆଳତୀ କରାଯାଇଥାଏ। ପୁଷ୍ପକବିମାନ ଭଦ୍ରେଶ୍ୱରଙ୍କ ମନ୍ଦିର ପରିକ୍ରମା କରିବା ପରେ ଯାଇ ଠାକୁରଙ୍କୁ ଚୂଳମାଳ ବିମାନରେ ବିଜେ ହୋଇଥାନ୍ତି। ଭଦ୍ରେଶ୍ୱରଙ୍କ ବିମାନ ଭଳି ଆଳିରାଜାଙ୍କ ବିମାନକୁ ମଧ୍ୟ ମେଳଣରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ । ଏହି ସୁପ୍ରସିଦ୍ଧ ଦୋଳ ମେଳଣ, ପୂର୍ବରୁ ମୋଗଲବନ୍ଦୀ ଓ ରାଜଯୋଡ଼ା ଅଂଚଳର ସୀମା କ୍ଷେତ୍ରରେ ଆୟୋଜିତ ହେଉଥିବାରୁ ଆଳିର ସୂର୍ଯ୍ୟବଂଶୀ ରାଜା ଏହି ଦୁଇ ଶାସନାଧିନ ଅଂଚଳରେ ସଂହତି ରକ୍ଷା ପାଇଁ ଏହି ଓଳକଣା ମେଳଣକୁ ପୃଷ୍ଠପୋଷକତା କରିଆସୁଥିଲେ । ପୂର୍ବରୁ ଓଳକଣା ମୋଗଲବନ୍ଦୀ ଓ ନିକଟସ୍ଥ ଅରାଖଣ୍ଡ ରାଜବନ୍ଦୀ ଅଂଚଳରେ ଥିଲା । ଡେରାବିଶର ରାଜନଗରଠାରେ ଆଳିରାଜାଙ୍କର ଦ୍ୱିତୀୟ ରାଜଧାନୀ ଥିଲା। ସେଠାରୁ ଆସୁଥିବା ବିମାନ ହିଁ ପ୍ରଥମେ ଓଳକଣା ପଡ଼ିଆକୁ ପ୍ରବେଶ କରିବା ପରେ ଅନ୍ୟ ସମସ୍ତ ବିମାନ ପ୍ରବେଶ କରିଥାନ୍ତି ।

ସେହିପରି ଏକମାତ୍ର ଆଳିରାଜାଙ୍କ ବିମାନ ଉପରେ ଚନ୍ଦ୍ରାତାପ ଟଙ୍ଗା ଯାଇଥାଏ । ରାଜାଙ୍କ ବିମାନ ସହିତ ଡେରାବିଶରୁ ରାଣୀଙ୍କ ବିମାନରେ ଲକ୍ଷ୍ମୀଠାକୁରାଣୀ ମଧ୍ୟ ଏହି ମେଳଣକୁ ବିଜେ କରିଥାନ୍ତି । ମେଳଣ ପଡ଼ିଆରେ ପ୍ରବେଶ ପାଇଁ ତିନି ଦିଗରେ ତିନୋଟି ପ୍ରବେଶ ଫାଟକ ରହିଛି । ପ୍ରତ୍ୟେକ ଫାଟକରେ ଥିବା ସ୍ତମ୍ଭ ଦୁଇଟିରେ ବୃଷଭ ଓ ଗରୁଡ଼ଙ୍କର ବିଗ୍ରହ ରହିଥିବା ପ୍ରକାଶ । ହରି ଓ ହରଙ୍କ ବାହନ ଭାବରେ ଏହି ପ୍ରତୀକ ବିଗ୍ରହ ସ୍ଥାନ ପାଇବା ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ମଧ୍ୟରାତ୍ରରୁ ଆରମ୍ଭ ହେଉଥିବା ଓଳକଣା ମେଳଣ ପ୍ରାତଃକାଳରେ ହିଁ ଶେଷ ହୋଇଥାଏ । କିନ୍ତୁ ଅପରାହ୍ନରୁ ଓଳକଣା ମେଳଣପଡ଼ିଆରେ ହାଟବଜାର ଖୋଲିଯାଏ । ଭଦ୍ରେଶ୍ୱରଙ୍କ ବିମାନ ସହିତ ୧୦୮ଟି ଘଂଟ ଓ ଦୁଇଟି ମଶାଲ ମଧ୍ୟ ଆସିଥାଏ । ଏହି ୧୦୮ଜଣ ଘଂଟପାଟିଆ ମେଳଣର ଅନ୍ୟତମ ଆକର୍ଷଣ ।

ଆଳିରାଜାଙ୍କ ବିମାନ ଓ ଲକ୍ଷ୍ମୀଧାନ କଳସୀ : ଓଳକଣା ମେଳଣ ପଡ଼ିଆରେ ପୂର୍ବ ଓ ଦକ୍ଷିଣ କୋଣରେ ଚନ୍ଦ୍ରାତପ ତଳେ ଆଳିରାଜାଙ୍କ ଉଆସରୁ ଆସିଥିବା ଦୁଇଟି ବିମାନରେ ରାଧାକୃଷ୍ଣ ଓ ଲକ୍ଷ୍ମୀ ଠାକୁରାଣୀ ବିଜେ ହୋଇଥାନ୍ତି । ଲକ୍ଷ୍ମୀ ଠାକୁରାଣୀଙ୍କ ବିମାନ ସମ୍ମୁଖରେ ପୂର୍ଣ୍ଣକୁମ୍ଭ ଧାନକଳସୀ ସ୍ଥାପନ କରାଯାଇଥାଏ । ଲକ୍ଷ୍ମୀ ହେଉଛନ୍ତି ଧନଧାନ୍ୟର ଦେବୀ । ପରମ୍ପରା ଅନୁଯାୟୀ ଏହି ଧାନକଳସୀ ଡେରାବିଶର ଆଳିରାଜାଙ୍କ ପୁରାତନ ନଅରରୁ ଆସିଥାଏ । ମେଳଣ ସରିବା ପରେ ଶହଶହ ଶ୍ରଦ୍ଧାଳୁ ଭକ୍ତ ଏହି ଧାନକଳସୀରୁ ଧାନ ନେବା ପାଇଁ ରୁଣ୍ଡ ହୋଇଥାନ୍ତି । କାରଣ ଏହି ଧାନକଳସୀରୁ ଧାନ ନେଇ ନିଜ ନିଜ ଅମାରରେ ପକାଇଲେ ଗୃହକର୍ତ୍ତାଙ୍କ ଧନସଂପଦ ବୃଦ୍ଧି ହୁଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଳକଣା ମେଳଣର ଅନ୍ୟ କୌଣସି ବିମାନ ସମ୍ମୁଖରେ ଧାନକଳସୀ ସ୍ଥାପନ କରାଯିବାର ପରମ୍ପରା ନାହିଁ । ସେହିଭଳି ଆଳିରାଜାଙ୍କ ବିମାନ ଉପରେ ହିଁ ଚନ୍ଦ୍ରାତପ ଟଙ୍ଗା ଯାଇଥାଏ ।

ପୌରାଣିକ ପୃଷ୍ଠଭୂମିରେ ଓଳକଣା କ୍ଷେତ୍ର : ଉଭୟ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ଓଳକଣା ଗ୍ରାମ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଅରାଖଣ୍ଡ ଓ ନୀଳକଣ୍ଠପୁର ଗ୍ରାମର ପରିସୀମା ଭିତରେ ଅବସ୍ଥିତ ଓଳକଣାପଡ଼ିଆ ଏକ ବହୁପୁରାତନ ଧର୍ମପୀଠ ଭାବରେ ବେଶ୍ ପରିଚିତ । ପଦ୍ମକଳ୍ପ ପୁସ୍ତକରେ ବର୍ଣ୍ଣିତ ତଥ୍ୟାନୁସାରେ ଏହି ଓଳକଣାପୁରଠାରୁ ବେଲାପୁରର ଭଗବତୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଭୂଖଣ୍ଡ 'କୁରୁକ୍ଷେତ୍ର' ନାମରେ ନାମିତ । 'ମହାଭାରତ' ବର୍ଣ୍ଣିତ ବହୁ ପ୍ରାଚୀନ ତଥା ପୌରାଣିକ ଘଟଣାପ୍ରବାହର ନିଦର୍ଶନ ଏହି ଅଂଚଳରେ ପ୍ରତିଷ୍ଠା ଲାଭ କରିଛି । ଓଳକଣା କ୍ଷେତ୍ରଠାରେ ରହିଛି ଦେବାତ୍ମା ବିଦୂରଙ୍କ ମନ୍ଦିର ଓ ପାଷାଣ ବିଗ୍ରହ, ଡେରାଡ଼ିହ ଗ୍ରାମରେ ରହିଛି ପାଣ୍ଡବଭ୍ରାତା ପଂଚୁପାଣ୍ଡବଙ୍କ ମନ୍ଦିର, ତତ୍ ସହିତ ମାତା କୁନ୍ତୀ ଓ ଦ୍ରୌପଦୀଙ୍କ ପ୍ରତୀକାତ୍ମକ ଲିଙ୍ଗ । ଏହି ଗ୍ରାମଗୁଡ଼ିକରେ ରହିଛି ଉଦ୍ଧବଙ୍କ ଆଶ୍ରମ, ଶକୁନିଗଡ଼, ବେଲାଳସେନପୁର (ବେଲାରପୁର), ବୀର ଅଶ୍ୱତ୍ଥମାଙ୍କ ବିଳ (ପଲାଇ ଗ୍ରାମର ଗାଙ୍ଗୀ ପାହାଡ଼ରେ ଥିବା ଗିରିଗର୍ତ୍ତ), ଭୀଷ୍ମ ଓ ଦ୍ରୋଣାଚାର୍ଯ୍ୟଙ୍କ ଆସ୍ଥାନ, ମହାଗୁପ୍ତ ସୁଡ଼ଙ୍ଗ ଓ ବୀର ହନୁମାନଙ୍କ ମନ୍ଦିର । ମହାଭାରତ ଯୁଗର ପ୍ରାଚୀନତମ ସଂସ୍କୃତି, ପରମ୍ପରା ତଥା ଧର୍ମଚେତନାର ସୂକ୍ଷ୍ମାତିସୂକ୍ଷ୍ମ ନିଦର୍ଶନ ବହୁଳ ଭାବରେ ଏହି ଅଂଚଳରେ ସ୍ଥାପିତ ହେବା ଏକ ବିରଳ ଘଟଣା । ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ବହନ କରୁଥିବା ଉତ୍କଳର ଏହି ପୁରାତନ ଗ୍ରାମଗୁଡ଼ିକର ଉଲ୍ଲେଖନୀୟ କୀର୍ତ୍ତିରାଜି ସଂପର୍କରେ ବ୍ୟାପକ ଗବେଷଣା କରାଯିବାର ଆବଶ୍ୟକତା ରହିଛି ।

+ସଦସ୍ୟ, ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦ 'ସାଇଭବନ', ପଲାଇ (ବାଲିଚନ୍ଦ୍ରପୁର), ଯାଜପୁର,
ମୋ : ୯୪୩୭୨୨୬୭୯୭

ମଙ୍ଗଳବାର, ମାର୍ଚ୍ଚ ୦୭, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ରେଳଷ୍ଟେସନର ମନ୍ଦିର ଭଂଗାକୁ ହେବ ବିରୋଧ

ଜଳେଶ୍ୱର, ୦୬/୦୩ (ନି.ପ୍ର): ଜଳେଶ୍ୱର ରେଳ ଷ୍ଟେସନ ପରିସରରେ ଥିବା ଏକ ଶିବ ମନ୍ଦିର ଭଂଗାକୁ ନେଇ ଜଳେଶ୍ୱର ବଜାରବାସୀ ଓ ରେଳ କଲୋନୀ ବିରୋଧ କରିବାକୁ ଅଣ୍ଟା ଭିଡିଛନ୍ତି। ଦୀର୍ଘବର୍ଷ ଧରି ପୂଜା ପାଇ ଆସୁଥିବା ମହାଦେବଙ୍କ ମନ୍ଦିରକୁ ଉଚ୍ଛେଦ ନ କରିବାପାଇଁ ସ୍ଥାନୀୟ ବହୁ ଅନୁଷ୍ଠାନ, ବ୍ୟକ୍ତି ବିଶେଷ କର୍ତ୍ତୃପକ୍ଷ ଓ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜଳେଶ୍ୱର ରେଳ ଷ୍ଟେସନର ବିକାଶ ଲାଗି ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ନିର୍ମାଣ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ରେଳବାଇ ମନ୍ତ୍ରୀ । ପୁଣି ସୌନ୍ଦର୍ଯ୍ୟକରଣ ଲାଗି ଅମୃତ ଭାରତ ଯୋଜନାରେ ଅନ୍ୟ ୩୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଦୀର୍ଘବର୍ଷ ଧରି ଷ୍ଟେସନଠାରୁ କିଛି ଦୂରରେ ପୂଜାପାଉଥିବା ଶିବ ମନ୍ଦିରକୁ ଭଂଗାଯିବା ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଧର୍ମୀୟ ଭାବନା ସୃଷ୍ଟି ହୋଇଛି । ରେଳବାଇର ନକ୍ସା ଅନୁଯାୟୀ ପୁରୁଣା ଓଟି ରୋଡରୁ ଷ୍ଟେସନକୁ ପ୍ରବେଶ ପଥର ଦୁଇପଟେ ଜବରଦଖଲ ଉଚ୍ଛେଦ ନେଇ ରେଳବାଇ ପକ୍ଷରୁ ଜିଲାପାଳଙ୍କୁ ଏକ ଚିଠି ହୋଇଛି । ଷ୍ଟେସନର ସୌନ୍ଦର୍ଯ୍ୟକରଣ ପରେ ସେଠାରେ ଏକ ଡ୍ରପ ଜୋନ୍‌ର ଆବଶ୍ୟକତା ଥିବାରୁ ତାହା ନିର୍ମାଣ ହେବାକୁ ଯାଉଛି। ଏହାର କିଛି ଦୂରରେ ଶିବ ମନ୍ଦିର ରହିଛି ଓ ନୂତନ ନିର୍ମାଣରେ ବାଧକ ସୃଷ୍ଟି ହେବନାହିଁ ବୋଲି ପୂର୍ବରୁ ରେଳ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। କିନ୍ତୁ କେତେକ ରେଳ ଇଞ୍ଜିନିୟର ଉକ୍ତ ମନ୍ଦିରକୁ ଭାଂଗିବାନେଇ ଚକ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି । ଫଳରେ ଷ୍ଟେସନବଜାରବାସୀ ବଣିକ ସଂଘର ସଭାପତି ସୁଧିର ମହାନ୍ତି, ବିଜେପି ନେତା ଫାଲଗୁନି ପାଣିଗ୍ରାହୀ, ରେଳ ଷ୍ଟେସନମ୍ୟାନେଜର ଖଗେନ୍ଦ୍ର ମଣ୍ଡଳଙ୍କ ସହ ଆଲୋଚନା କରି ନିରାକରଣର ଆପଣେଇବାକୁ ନିବେଦନ କରିଛନ୍ତି। ଆଜି ସମାଜ କଲ୍ୟାଣ ବିକାଶ ପରିଷଦ ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନାଙ୍କ ସହିତ ଏକ ଟିମ୍ ଷ୍ଟେସନ ମ୍ୟାନେଜର ଶ୍ରୀ ମଣ୍ଡଳ, ଡିଆର୍‌ଏମ୍ ମହମ୍ମଦ ସୁଜାତ୍ ହାସମି, ସାଂସଦ ପ୍ରତାପ ଷଡଙ୍ଗୀ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବାସୁଦେବପୁର ମହୋତ୍ସବ ମହା ଆଡମ୍ବରରେ ଉଦ୍‌ଘାଟିତ



ବାସୁଦେବପୁର, ୦୬/୦୩ (ନି.ପ୍ର): ବାସୁଦେବପୁର ବାଲି ନଗର ପଡିଆ ରେ ଏକ ମଧୁର ପରିବେଶରେ ମହା ଆଡମ୍ବରରେ ବାସୁଦେବାୟନ ବାସୁଦେବପୁର ମହୋତ୍ସବ ୨୦୨୩ ଉଦଘାଟିତ ହୋଇଯାଇଛି । ବାସୁଦେବପୁର ପୌରପାଳିକା ର ଅଧକ୍ଷା ନିବେଦିତା ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ରେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ କୁ ଉଦଘାଟନ କରି ଅଭିଭାଷଣ ପ୍ରଦାନ କରିଥିଲେ । ଏ ମାଟି ସ୍ୱାଧୀନତା ସଂଗ୍ରାମ ର ମାଟି, ରକ୍ତଭିଜା ମାଟି, ସହିଦ ର ମାଟି । ଯେଉଁ ମାଟିକୁ ଚିପୁଡ଼ି ଦେଲେ ରକ୍ତ ନିଗିଡି ପଡେ ସେହି ରକ୍ତତୀର୍ଥ ଇରମ ମାଟି ସମଗ୍ର ଭାରତ ବର୍ଷ ତଥା ବିଶ୍ୱ ଇତିହାସ ରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ବାସୁଦେବପୁର ରୁ ତିନିଜଣ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ଡ଼କ୍ଟର ହରେକୃଷ୍ଣ ମହତାବ ଓ ନୀଳମଣି ରାଉତରାୟ ନିର୍ବାଚିତ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ଏ ମହୋତ୍ସବ ଭାଇ ଚାରା ସୃଷ୍ଟି କରିବା ସହିତ ନିଆରା ପରମ୍ପରା ମଧ୍ୟରେ ଏକତା ରକ୍ଷା କରି ସମସ୍ତଙ୍କ ମନରେ ହସ ଖୁସି ଓ ଆନନ୍ଦ ଦେଇ ପାରିବ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟସଭା ସଂସଦ ମୁନା ଖାଁ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ବିଧାୟକ ପ୍ରତିନିଧି ଅସିତ ଦାଶ, ପୌରପାଳିକା ର ଉପାଧାକ୍ଷ ଉତ୍ତମ ବାରିକ, କାଉନ ସିଲର ଭକ୍ତ ରଞ୍ଜନ ପଟ୍ଟନାୟକ, ସମାଜସେବୀ ଭାଗିରଥି ବଳ,ଦେବଦର୍ଶନ ଦାଶ,ଦୀନବନ୍ଧୁ ଦାସ, ଚିନ୍ମୟ ବାରିକ, କାଳନ୍ଦୀ ସାହୁ, ସୌଭାଗ୍ୟ ବିଶ୍ୱାଳ, ଶିକ୍ଷାବିତ ଦୁଃଶାସନ ରାଉତ, ମହେଶ ଦାସ, ସମାଜସେବୀ କିଶୋର କୁମାର ମହାପାତ୍ର, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, କବି ପ୍ରହ୍ଲାଦ ବାରିକ, କବି ବିକାଶ ଶତପଥୀ, ଶିକ୍ଷାବିତ ଭାଗିରଥି ପଲାଇ, ଆଇନଜୀବୀ ସ୍ମୃତି ରଞ୍ଜନ ପଳିତା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସ୍ମରଣିକା ବାସୁଦେବାୟନ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ବ୍ୟକ୍ତିତ୍ୱ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଖୁବ ଆକର୍ଷଣୀୟ ନୃତ୍ୟ, ସଂଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ । ପୌରପାଳିକା ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଉତ୍କଳର ଅନନ୍ୟ ପରମ୍ପରା ଅଷ୍ଟକାଳ ଉତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା, ୦୬/୦୩ (ନି.ପ୍ର): ପୁରୀ ଜିଲ୍ଲା ସ୍ଥିତ କଣାସ ମଣ୍ଡଳ ର ତିଗିରିଆ ଗ୍ରାମ ରେ ଉତ୍କଳ ର ଅନନ୍ୟ ପରମ୍ପରା ଅଷ୍ଟକାଳ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଉତ୍ସବ ଟି ଗ୍ରାମ ବାସୀଙ୍କ ଦ୍ୱାୟା ଅତ୍ୟନ୍ତ ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। ଅଷ୍ଟପ୍ରହରୀ ବିସୟରେ ଆମେ ସମସ୍ତେ ଅବଗତ ଥିବେ ମଧ୍ୟ ଅଷ୍ଟକାଳ ପରମ୍ପରା ଏକ ବିରଳ ଏବଂ ଅନନ୍ୟ ପରମ୍ପରା। ଅଷ୍ଟକାଳର ଅର୍ଥ ହେଲା ଗୋଟିଏ ଦିନ ୪ କାଳ ଏବଂ ରାତ୍ରୀ ୪ କାଳ କୁ ମିଶାଇ ଆଠଟି କାଳ ଭିତରେ ସମ୍ପୂର୍ଣ୍ଣ ଲୀଳା କୁ ସମାପନ କରାଯାଏ । ଏହି ପର୍ବ ଟି ଫାଲଗୁନ ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ଧରି ପାଳନ କରାଯାଏ। ଏହି ପର୍ବ ରେ ଭଗବାନ ଶ୍ରୀକୃଷ୍ଣଙ୍କ ଗୋଟିଏ ଦିବସର ସମ୍ପୂର୍ଣ୍ଣ ଜୀବନ ଚର୍ଯ୍ୟା ସଙ୍କୀର୍ତ୍ତନ ମାଧମରେ ପରିବେଷଣ କରାଯାଏ।

# ସାମାଜିକ ଅନୁଷ୍ଠାନ 'ସହାୟକ'ର ବୈଠକ



ବାଲେଶ୍ୱର, ୦୬/୦୩ (ନି.ପ୍ର): ସାମାଜିକ ଅନୁଷ୍ଠାନ 'ସହାୟକ'ର ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠାନର ସଭାପତି ଇଂ. ସୁରେନ୍ଦ୍ରନାଥ ଦାସଙ୍କ ଅଧକ୍ଷତାରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦକ ବିଜୟ କୁମାର ଦାସଅଧିକାରୀ ଏଥିରେ ପୂର୍ବ ବୈଠକ ବିବରଣୀ ପାଠ ପରେ ତାହାକୁ ସର୍ବ ସମ୍ମିତ୍ତି କ୍ରମେ ଗୃହୀତ କରାଯାଇଥିଲା। ଚଳିତ ବର୍ଷ ଗ୍ରୀଷ୍ମକାଳରେ ପ୍ରତିବର୍ଷ ଭଳି ପାନୀୟ ଜଳ ବଣ୍ଟନ ଓ ଆର୍ଥିକ ଅନଗ୍ରସର ପରିବାରର ଝିଅ ବିଭାଘର ପାଇଁ ସହାୟତା ପ୍ରଦାନ ପାଇଁ ଚଳିତ ବର୍ଷରୁ 'ସୁକନ୍ୟା ପବିତ୍ର ବନ୍ଧନ' କାର୍ଯ୍ୟକ୍ରମ ଆରମ୍ଭ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ସାରଗାଁର ଜନୈକ ଦରିଦ୍ର ପରିବାର କନ୍ୟା ବିବାହ ପାଇଁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସିଦ୍ଧାନ୍ତ ନିଆଯାଇଛି। ସଂଗଠନର ନୂତନ ସଦସ୍ୟଙ୍କୁ ଏହି ଅବସରରେ ସ୍ୱାଗତ କରାଯାଇଥିଲା। କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ନାୟକ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ଡ. କ୍ଷିତିଶ୍ୱର ଦାଶ ଶାନ୍ତିଶ୍ଳୋକ ପାଠ କରିଥିବା ବେଳେ ସାବିତ୍ରୀ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ସଦସ୍ୟ ଧୀରେନ୍ଦ୍ର ନାରାୟଣ ଦାସ, ଦିବାକର ମହାପାତ୍ରଙ୍କ ସମେତ ଶ୍ରୀରାମ ଚନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ଦାସ, ପ୍ରଣିତା ମିଶ୍ର, ଲକ୍ଷ୍ମୀପ୍ରିୟା ଜେନା, ବସନ୍ତଲତା ପଟ୍ଟନାୟକ, ପୁଷ୍ପଲତା ମହାନ୍ତି, ଅରୁଣା ରାୟ, ସଚୀନ୍ଦ୍ର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ସୁଦର୍ଶନ ଜେନା, ବୀରେନ୍ଦ୍ର ପ୍ରହରାଜ, ରବୀନ୍ଦ୍ର ଭୋଳ, ସୀତାରାମ ପ୍ରଧାନ, ବେଣୁଧର ସାହୁ ଓ ଉମେଶ ଗୋଛାୟତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କୋଣାର୍କ କ୍ଲବ ବାଲିପାଟଣାର ବାର୍ଷିକ ଉତ୍ସବ




ଭଦ୍ରକ, ୦୬/୦୩ (ନି.ପ୍ର): ଆଜି ସଂଧ୍ୟାରେ କ୍ଲବ ର ବାର୍ଷିକ ଉତ୍ସବ କ୍ଲବ ପରିସରରେ ଉପଦେଷ୍ଟା ଶ୍ରୀ ସୁଧାକର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଗାଁର କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥିଭାବେ ଡ଼ା ପ୍ରଦୀପ ନାୟକ ଓ ମୁଖ୍ୟ ବକ୍ତା ଭାବେ ଡ଼.ପ୍ରମୋଦ କୁମାର ନାୟକ ଓ ବରେଣ୍ୟ ଅତିଥିଭାବେ ଇଂ. ଅରୁଣ କୁମାର ପାତ୍ର ଶ୍ରୀ ଅଜୟ କୁମାର ନାୟକ, ଶ୍ରୀ ଶାନ୍ତନୁ କୁମାର ରାଉତ ଓ ପୌରପାଳିକାର ଅଧକ୍ଷା ଶ୍ରୀମତୀ ଗୁଲମର୍କ୍ସ ହବିବ ଯୋଗଦାନ କରିଥିଲେ । ବାଲିପାଟଣା ସ୍କୁଲର ପ୍ରାକ୍ତନ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ଭୀମଚରଣ ପାଣିଗ୍ରାହୀ, ଶ୍ରୀ ପ୍ରତାପ କୁମାର ଦଳେଇ ଓ ଶ୍ରୀ ଅଭିରାମ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀମତୀ କନକଲତା ରାଉତଙ୍କ ଲିଖିତ ଆଧ୍ୟାତ୍ମିକ ପୁସ୍ତକ "ପୁରାଣ ପଲ୍ଲବ" ଲୋକାର୍ପିତ ହୋଇଥିଲା । ଶ୍ରୀ ଗଦାଧର ନାୟକ, ଶ୍ରୀ ପ୍ରଶାନ୍ତ କୁମାର ନାୟକ ଓ ଶ୍ରୀ ଲକ୍ଷ୍ମୀଧର ନାୟକ ମାନପତ୍ର ପାଠ କରିଥିଲେ । ଶ୍ରୀ ଚିନ୍ମୟ ସ୍ୱାଇଁ ମଞ୍ଚ ଆହ୍ୱାନ କରିଥିଲେ ଓ ଶ୍ରୀ ରଂଜନ କୁମାର ସ୍ୱାଇଁ ଅତିଥି ପରିଚୟ ଓ ସଂପାଦକୀୟ ବିବରଣୀ ପାଠ କରିଥିଲେ । ସଭାଅନ୍ତେ ଭୁବନେଶ୍ୱରର "ସୁରଝଙ୍କାର" ମେଲୋଡ଼ି ଦ୍ୱାରା ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତ୍ରିରେ ଶ୍ରୀ ରାଧାକୃଷ୍ଣ ମିଳନ ଅନୁଷ୍ଠିତ ହୋଇଥିଲା ।

## କଂଗ୍ରେସରେ ଯୋଗଦେଲେ ମୟୁରଭଂଜ ଜିଲ୍ଲା ଆମ ଆଦମୀ ପାର୍ଟି ସଦସ୍ୟ



ବାରିପଦା, ୦୬/୦୩ (ନି.ପ୍ର): ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱକୁ ଭରଷା କରି ମୟୁରଭଂଜ ଜିଲ୍ଲା ଆମ ଆଦମୀ ପାର୍ଟିର ସଦଶ୍ୟ ସୁକୁମାର ରଂଜନନ ପ୍ରଧାନଙ୍କ ନେତୃତ୍ୱରେ ଆପର ୩ ଜଣ ବିଧାୟକ ପ୍ରାର୍ଥି ଚନ୍ଦନ କିସ୍କୁ, ବାଦଲ ହେମ୍ବ୍ରମ, ଲଦୁରାମ ସୋରେନଙ୍କ ସମେତ ଚାନ୍ଦ୍ରୟ ହାଁସଦା, ଅନିତା ମୁର୍ମୁ, ରବୀନ୍ଦ୍ର ଗିରି, ବିରାମ ମୁର୍ମୁ, ଦିପୁ କୁମାର ଟୁଡୁ, ସୁଶୀଲ କିସ୍କୁ, ଏସ. କେ ବାବୁ ପ୍ରମୁଖ ବହୁ ଆପ ସଦଶ୍ୟ ଭାରତୀୟ ଜାତୀୟ କଂଗ୍ରେସ ରେ ଯୋଗଦାନ କରିଛନ୍ତି । ତେବେ ସୁକୁମାର ପୂର୍ବରୁ କଂଗ୍ରେସରେ ଥିବା ବେଳେ ଏହା ତାଙ୍କର ଘର ବାହୁଡାବୋଲି କୁହାଯାଉଛି ।

## ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବା ମାମଲାରେ ଅଭିଯୁକ୍ତକୁ ଜାମିନ

କଟକ, ୦୬/୦୩ (ନି.ପ୍ର): ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବା ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ମିଳିଛି । ଆଜି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତ ଅନିମେଶ ଚକ୍ରବର୍ତୀଙ୍କୁ ଭବିଷ୍ୟତରେ ଏଭଳି ନ କରିବା ଲାଗି ତାଙ୍କୁ ତାଗିଦ କରିବା ସହ ଜାମିନ ପ୍ରଦାନ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଗତ ଜାନୁଆରି ୧୮ ତାରିଖ ଦିନ ଅନିମେଶ ଚକ୍ରବର୍ତୀଙ୍କୁ ପୁଲିସ ଗିରଫ କରିଥିଲା। ସିଟି ଡିଏସପି କେକେ ହରିପ୍ରସାଦଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ଅନିମେଶଙ୍କୁ ଗିରଫ କରାଯାଇଥିଲା। ନୋ ଫ୍ଲାଇଂ ଜୋନରେ ଡ୍ରୋନ୍ ଉଡ଼ାଇ ଶ୍ରୀମନ୍ଦିର ଭିତରବେଢ଼ାର ଫଟୋ ଭିଡ଼ିଓ ଅନିମେଶ ନିଜ ୟୁନିଫାଏଡ୍ ଅନିମେଶ ନାଁରେ ଏକ ୟୁ-ଟ୍ୟୁବ ଚ୍ୟାନେଲରେ ଗତ ବର୍ଷ ନଭେମ୍ବର ୧୯ ତାରିଖରେ ଅପଲୋଡ୍ କରିଥିଲେ।

# ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ ସେବାନିବୃତ୍ତ ସଂଘର ରାଜ୍ୟ ସମ୍ମିଳନୀ




ଭୁବନେଶ୍ୱର, ୦୬/୦୩ (ନି.ପ୍ର): ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ବ୍ୟାଙ୍କର ବେତନ ସଂଶୋଧନ ସହ ପେନସନ୍ ବୃଦ୍ଧି (ଟକ୍ରୟବଷ୍ପସକ୍ରଭ) କରିବା ପାଇଁ ସେଣ୍ଟ୍ରାଲ ବ୍ୟାଙ୍କର ସେବାନିବୃତ୍ତ କର୍ମଚାରୀଙ୍କ ରାଜ୍ୟ ସମ୍ମିଳନୀରେ ଦାବି କରାଯାଇଛି । ଏହି ସମ୍ମିଳନୀ ଆଜି ସ୍ଥାନୀୟ ବୁଦ୍ଧମନ୍ଦିରରରେ ବିଶ୍ୱରଂଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀକୁ ଓଡ଼ିଶା ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସଂପାଦକ ଶ୍ରୀ ନିରଞ୍ଜନ ମିଶ୍ର ଉଦ୍‌ଘାଟନ କରିଥିଲେ । ପ୍ରଫେସର ଡଃ ରଜନୀ ରଂଜନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ସଂଘ ଓ ଅଫିସରସ୍ ସଂଘର ସାଧାରଣ ସଂପାଦକ ଓଁକାର ମହାନ୍ତି ଓ ରବିନ୍ଦ୍ର ନାଥ ଦାସ ସମ୍ମିଳନୀକୁ ଶୁଭେଚ୍ଛା ଜଣାଇଲେ । ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ରାଉତ ସମ୍ପାଦକୀୟ ବିବରଣୀ ପ୍ରଦାନ ସହ ପେନ୍‌ସନ୍ ଅପଡେସନ୍ ଓ ସ୍ୱାସ୍ଥ୍ୟବୀମା ଦେୟକୁ ହ୍ରାସ କରି ସମସ୍ତଙ୍କ ପାଇଁ ଲାଗୁ କରିବା, ସ୍ୱାସ୍ଥ୍ୟବୀମା ପାଇଁ ବ୍ୟାଙ୍କ ଦେଉଥିବା ଆର୍ଥିକ ସାହାଯ୍ୟ ସମସ୍ତଙ୍କୁ ପ୍ରଦାନ କରିବା, ଦରବୃଦ୍ଧି ବନ୍ଦ କରିବା ଏବଂ ବରିଷ୍ଠ ନାଗରିକମାନଙ୍କୁ ପୂର୍ବପରି ରେଳରେ ଦିଆଯାଉଥିବା ରିହାତି ଲାଗୁ କରିବା ଦରବିକରି ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା । ଆଲୋଚନାରେ କିଶୋର ଜେନା, ରବିନ୍ଦ୍ର ନାଥ ସୁତାର, ବିରଜା ପ୍ରସାଦ ଦାସ, ଅଭିରାମ ଦାସ, ପ୍ରମୋଦ କୁମାର ମହାନ୍ତି, ସୁବାସ ପାଲ, ବନମାଳୀ ମାଟି, ଗୋଲଖ ବିହାରୀ ନାୟକ, ଅଶୋକ କୁମାର ତା, ସୁବାସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆସନ୍ତ ଥର ପାଇଁ ନିମ୍ନଲିଖିତ କର୍ମକର୍ତ୍ତାମାନେ ସର୍ବସମ୍ମତିକ୍ରମେ ନିର୍ବାଚିତ ହେଇଥିଲେ । ଶ୍ରୀ ହେମନ୍ତ କୁମାର କର – ଚେୟାରମ୍ୟାନ, ବିଶ୍ୱରଞ୍ଜନ ଶତପଥୀ – ସଭାପତି, ଶରତ ଚନ୍ଦ୍ର ରାଉତ – ସାଧାରଣ ସମ୍ପାଦକ, କିଶୋର ଜେନା – ମୁଖ୍ୟ ଉପଦେଷ୍ଟା, ତ୍ରୈଲୋକ୍ୟନାଥ ପ୍ରଧାନ – ଉପସାଧାରଣ ସମ୍ପାଦକ, ଅଭିରାମ ଦାସ – କୋଷାଧ୍ୟକ୍ଷ, ସୁବାସ ଚନ୍ଦ୍ର ପଟ୍ଟନାୟକ – ସଂଗଠନ ସମ୍ପାଦକ, ଅଶୋକ କୁମାର ତା ଏବଂ ଅଶୋକ କୁମାର ସାହୁ - ଯୁଗ୍ମ ସମ୍ପାଦକ ଏହା ଛଡ଼ା କାର୍ଯ୍ୟକାରୀ କମିଟିକୁ ୧୫ ଜଣ ସଭ୍ୟ ନିର୍ବାଚିତ ହୋଇଥିଲେ ।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୦୬/୦୩ (ନି.ପ୍ର): ଜିଲା ପ୍ରଶାସନ ପକ୍ଷରୁ ଆଗାମୀ ଗ୍ରୀଷ୍ମ ପ୍ରବାହ ମୁକାବିଲା ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତାତ୍ରୟ ଭାଉ ସାହେବ ଶିନ୍ଦେ ଏଥିରେ ଅଧ୍ୟକ୍ଷତା କରିବା ସହିତ ଚଳିତ ବର୍ଷ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ମୁକାବିଲା ବାବଦରେ ଉଚିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ସହର ସମେତ ଜିଲା ବ୍ୟାପୀ ଧାର୍ଯ୍ୟ ସମୟ ମଧ୍ୟରେ ଜଳଛତ୍ର ସ୍ଥାପନ, ସାଧାରଣରେ ସଚେତନତା ସୃଷ୍ଟି, ଅଂଶୁଘାତ ଜନିତ ମୃତ୍ୟୁ କ୍ଷେତ୍ରରେ ଧାର୍ଯ୍ୟ ସମୟ ମଧ୍ୟରେ ଯାଞ୍ଚ ଓ ରିପୋର୍ଟ ପ୍ରଦାନ ଦିଗରେ ଉଚିତ ପ୍ରଦକ୍ଷେପ ନେବାକୁ ଉପସ୍ଥିତ ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ଶ୍ରୀ ଶିନ୍ଦେ ପରାମର୍ଶ ଦେଇଥିଲେ। ସେହିପରି ଶ୍ରମିକମାନେ ଯେପରି ଖରାରେ କାର୍ଯ୍ୟ ନ କରିବେ, ଖରାବେଳେ ବସ ଓ ଟ୍ରେକରରେ ଯାତ୍ରୀ ପରିବହନ ବନ୍ଦ କରିବା, ସମସ୍ତ ଜଳ ଉତ୍ସ ଗଭୀର ନଳକୂପ, ହାତମୋଡ଼ା ଟ୍ୟୁବ ୱେଲକୁ ମରାମତି କରିବା, ପଶୁପକ୍ଷୀଙ୍କ ପିଇବା ପାଇଁ ଜଳ ବ୍ୟବସ୍ଥା କରିବା ପ୍ରଭୃତି ଦିଗରେ ଯତ୍ନବାନ ହେବାକୁ ଅଧିକାରୀମାନଙ୍କୁ ଜିଲାପାଳ କହିଥିଲେ।

# ସାଇ ସାଧନା ବିଜ୍ଞାନ କଲେଜରେ ମେଧାବୃତ୍ତି ପରୀକ୍ଷା



ଉଦଳା, ୦୬/୦୩ : ମୟୂରଭଞ୍ଜ ଜିଲ୍ଲା ଉଦଳାସ୍ଥ ସାଇ ସାଧନା +୨ ବିଜ୍ଞାନ କଲେଜରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୁରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷାରେ ମୋଟ ୧୬ଜଣ ଛାତ୍ର ଛାତ୍ରୀଙ୍କୁ ମନୋନୀତ କରାଯାଇ ପୁରସ୍କୃତ କରାଯାଇଥିଲା। ଏ ପ୍ରସଙ୍ଗରେ ସାଇ ସାଧନା ଟ୍ରଷ୍ଟର ଚେୟାରମେନ୍ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ସେ ମେଧାପୁରସ୍କାର ପାଇଥିବା ଛାତ୍ରଛାତ୍ରୀଙ୍କୁ ପରିଶ୍ରମୀ ଓ ଅଧ୍ୟବସାୟୀ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। କଠିନ ପରିଶ୍ରମ ହିଁ ମଣିଷକୁ ଉଚ୍ଚସୋପାନରେ ପହଁଚାଇଥାଏ ବୋଲି ଅଭିମତ ପ୍ରଦାନ କରିଥିଷଲ। ଅନୁଷ୍ଠାନର ଏକାଡେମୀ ଡାଇରେକ୍ଟର ପ୍ରଫେସର ଶ୍ରୀ ଅନାଦି ଚରଣ ଗାଁଣ ଅତିଥି ରୂପେ ଯୋଗଦେଇ ବିଜ୍ଞାନ ଶିକ୍ଷା ପାଇଁ ସାଇ ସାଧନା +୨ ବିଜ୍ଞାନ କିପରି ଏକ ସଫଳ ଅନୁଷ୍ଠାନ ଓ ଏଠାରେ ଅଧ୍ୟନ କରି ବହୁ ଛାତ୍ର କିପରି ମେଡ଼ିକାଲ, ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ ଶିକ୍ଷା ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି, ତାହାର ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପ୍ରିୟବ୍ରତ ବେହେରା ସାଇ ସାଧନାର ଶୈକ୍ଷିକ ପରିବେଶ, ନିୟମିତ ସନ୍ଦେହ ମୋଚନ ବ୍ୟବସ୍ଥା, ବାତାନୁକୂଳ ଶ୍ରେଣୀକକ୍ଷ, ଅଭିଜ୍ଞ ଓ ଦକ୍ଷ ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସାଇ ସାଧନା ଟ୍ରଷ୍ଟର ସମ୍ପାଦକ ଶ୍ରୀ ସୁକାନ୍ତ କୁମାର ବିନ୍ଧାଣୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ କୋଷାଧ୍ୟକ୍ଷ ଶ୍ରୀ ସୁରେନ୍ଦ୍ର ନାଥ ପରିଛା ଧନ୍ୟବାଦ ଅର୍ପଣ କରିଥିଷଲ। ଏହି ସଭାରେ କଲେଜ ସମ୍ପାଦିକା ଶ୍ରୀମତୀ ପ୍ରଭାସିନୀ ବିନ୍ଧାଣୀ, ସଭ୍ୟା ଶ୍ରୀମତୀ ମମତା ପରିଛା, ଡ. ଅଜିତ୍ କୁମାର ମହାପାତ୍ରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ ପୁରସ୍କୃତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ମେଧାବୃତ୍ତି ପାଇଥିବା ଛାତ୍ରଛାତ୍ରୀମାନେ ହେଲେ ଅର୍ପିତ୍ ନାୟକ, ଦିପ୍ତେଶ ନାୟକ, ହିତେଶ କମିଳା, ଅମ୍ରିତା ପ୍ରିୟଦର୍ଶିନି ପାଢ଼ି, ପ୍ରୟଦର୍ଶିନି ସାହୁ, ଆୟୁଷ କୁମାର ଦାସ, ଦିପଙ୍କର ବେହେରା, ରାମକୃଷ୍ଣ ହେମ୍ବ୍ରମ, ଶୁଭଙ୍କର ସାହୁ, ସୌରଭ ସେନାପତି, ରୁକ୍ମଣି ହେମ୍ବ୍ରମ, ପାରାନ ହେମ୍ବ୍ରମ, ରାହୁଲ ପାଲ, ହିମାଂଶୁ ବେହେରା, ରଶ୍ମିପ୍ରିୟା ସାହୁ, ନରେଶ କୁମାର ସାହୁ ପ୍ରମୁଖ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

## ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ବାରିପଦା, ୦୬/୦୩ (ନି.ପ୍ର): ଛଉ ନୃତ୍ୟ କରି ଆମେ କ'ଣ ପାଇବୁ ବୋଲି ଅନେକେ ପ୍ରଶ୍ନ କରୁଥିବା ବେଳେ ଉସ୍ତାଦ ତ୍ରିଲୋଚନ ମହାନ୍ତଙ୍କୁ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପୁରସ୍କାର ମିଳିବା ସମସ୍ତଙ୍କୁ ପ୍ରେରଣା ଦେବ ବୋଲି ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଉସ୍ତାଦ ଶ୍ରୀ ମହାନ୍ତଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇ ମୟୂରଭଂଜ ଜିଲ୍ଲାପାଳ ବିନୀତ କୁମାର ଭରଦ୍ୱାଜ କହିଛନ୍ତି । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୟୂରଭଂଜ ଛଉ ନୃତ୍ୟର ପୋଖତ ନୃତ୍ୟଶିଳ୍ପୀ ତଥା ଗୁରୁ ଉସ୍ତାଦ ତ୍ରିଲୋଚନ ମହାନ୍ତଙ୍କୁ ମହାମହିମ ରାଷ୍ଟ୍ରପତି କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରିଛନ୍ତି । ନୃତ୍ୟ ସଙ୍ଗୀତ କ୍ଷେତ୍ରରେ ଏହା ଦେଶ ର ସର୍ବୋଚ୍ଚ ସମ୍ମାନ ହୋଇଥିବା ବେଳେ ଏହାକୁ ନେଇ ସମଗ୍ର ଜିଲ୍ଲାରେ ଖୁସି ର ଲହରୀ ଖେଳି ଯାଇଛି । ପ୍ରୋଜେକ୍ଟ ଛାଉଣୀର ନିର୍ଦ୍ଦେଶକ ବିଭୁଦତ ଦାସ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ମୟୂରଭଞ୍ଜ ମହାରାଣୀ ଶ୍ରୀମତୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଂଜଦେଓ, ଉତର ସାହୀ ଛଉ ନୃତ୍ୟ ପ୍ରତିଷ୍ଠାନର ପୂର୍ବତନ ସଭାପତି ଆଇନଜିବୀ ବିଭୁ ପ୍ରସାଦ ଦାସ, ବରିଷ୍ଠ ସଂଗଠକ ଶ୍ରୀ ଛୋଟେଲାଲ ମହାନ୍ତ ପ୍ରମୁଖ ଯୋଗଦେଇ ଉସ୍ତାଦ ଶ୍ରୀ ମହାନ୍ତ ବର୍ତମାନ ତଥା ଭବିଷ୍ୟତର ଛଉ ନୃତ୍ୟ ଶିଳ୍ପୀଙ୍କ ପାଇଁ ଜଣେ ରୋଲ ମଡେଲ ଏବଂ ଆଗାମୀ ଦିନ ରେ ଛଉ ନୃତ୍ୟ କଳାକାର ମାନେ ଅଧିକ ଏକାଗ୍ରତାର ସହିତ ନୃତ୍ୟାଭ୍ୟାସ କରିବାକୁ ପ୍ରେରଣା ପାଇବେ ବୋଲି କହିଥିଲେ ।

SAI SADHANA SCIENCE HIGHER SECONDARY SCHOOL
(+2 SCIENCE RESIDENTIAL COLLEGE)
DIBYASINGHPUR, UDALA, MAYURBHANJ
(Permanent Recognised by Govt. of Odisha & officiated to CHSE)

ADMISSION OPEN

ପ୍ରିୟ ଅଭିଭାବକ !
ଆସନ୍ତା ତା ୨୬.୦୩.୨୦୨୩ ରିଖ (ରବିବାର) ଦିନ ଆମ ଅନୁଷ୍ଠାନରେ ଦ୍ୱିତୀୟ ମେଧା ଅନ୍ୱେଷଣ (Talent Test) ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ମ୍ୟାଟ୍ରିକ୍ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ଏବଂ ସେମାନଙ୍କ ମଧ୍ୟରୁ ଅଧିକ ନମ୍ବର ରଖିଥିବା ୧୦ଜଣଙ୍କୁ ପୁରସ୍କୃତ କରାଯିବ । ତତ୍ ସହିତ ଆମ +୨ ବିଜ୍ଞାନ କଲେଜରେ ନାମ ଲେଖାଇବାର ସୁଯୋଗ ପାଇପାରିବେ । ଏଥି ସହିତ ଆସନ୍ତା ତା ୨୬.୦୩.୨୦୨୩ ରିଖରୁ ଗ୍ରୀଷ୍ମକାଳୀନ ଶିକ୍ଷାଦାନ (SUMMER COURSE) ପାଇଁ ନାମଲେଖା ଆରମ୍ଭ ହେବ ଏବଂ ତା ୦୨.୦୪.୨୦୨୩ ରିଖ (ରବିବାର) ଠାରୁ ପିଲାଙ୍କର SUMMER COURSE ପାଠପଢ଼ା ଆରମ୍ଭ ହେବ । ଅଧ୍ୟୟନ ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ ନିମ୍ନରେ ଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ : 8328874537, 9437443950, 9438317887,7894536767, 9437294587

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo